୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.55 Bhubaneswar Thursday April 03 2024 | ୨୬ତମ ବର୍ଷ ସଂଖ୍ୟା-୫୫ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୦୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଜନତା ଦରବାରରେ ପରୀକ୍ଷା ଦେଉଛନ୍ତି ବାପ-ଝିଅ !





ଭୁବନେଶ୍ୱର,୨ ।୪(ପି.ଏନ): ଜନତା ଦରବାରରେ ପରୀକ୍ଷା ଦେଉଛନ୍ତି ବାପ ଓ ଝିଅ ! ଆଉ ସେହି ପରୀକ୍ଷାରେ କିଏ ଜିତିବେ ଓ କିଏ ହାରିବେ, ତାହା ସମୟ କହିବ। କିନ୍ତୁ ଉଭୟ ଆଶା ରଖିଛନ୍ତି ଲୋକଙ୍କ ମନ ଜିଣିବେ। ଆଉ ନିର୍ବାଚନରେ ବିଜୟୀ ହେବେ। ଏମିତିକା ବାପା- ଝିଅ ଯୋଡ଼ି ହେଉଛନ୍ତି ନବରଙ୍ଗପୁର କଂଗ୍ରେସର ପୁରୁଖା ନେତା ଭୂଜବଳ ମାଝୀ ଓ ତାଙ୍କ ଡାକ୍ତରୀ ଝିଅ ଲିପିକା ମାଝୀ।ଆଜି କଂଗ୍ରେସ ଘୋଷଣା କରିଛି ପ୍ରାର୍ଥୀ ତାଲିକା। ଏଥିରେ ନବରଙ୍ଗପୁର ଲୋକସଭା ଅସନରୁ ପ୍ରାର୍ଥୀ ହୋଇଛନ୍ତି ଜିଲ୍ଲାର ପୁରୁଖା ନେତା ଭୂଜବଳ ମାଝୀ। ସେ ପୂର୍ବରୁ ଡାବୁଗାଁ ନିର୍ବାଚନମଣ୍ଡଳୀରୁ ତିନି ଥର ବିଧାୟକ ହୋଇଥିଲେ। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ଭାବେ ନିର୍ବାଚିତ ହୋଇ ବିଧାନସଭାକୁ ଯାଇଥିଲେ। ନିଜ ଅଞ୍ଚଳର ଲୋକଙ୍କ ସମସ୍ୟାକୁ ବିଧାନସଭାରେ ଉଠାଉଥିଲେ। ମାତ୍ର ୨୦୧୯ ନିର୍ବାଚନରେ ପରାଜୟ ବରଣ କରିଥିଲେ।

## ଛିଡା ହୋଇଥିବା ଟ୍ରକକୁ ପିଟିଲା ସ୍କର୍ପିଓ: ୨ ମୃତ

ଭଦ୍ରକ,୨ଫ୪ଫ ୨୦୨୩ ଏକ ମର୍ମନ୍ତୁଦ ଦୁର୍ଘଟଣା ଖବର ସାମ୍ନାକୁ ଆସିଛି । ରସ୍ତାରେ ଛିଡା ହୋଇଥିବା ଏକ ଟ୍ରକକୁ ସ୍କର୍ପିଓ ପିଟିବା ଘଟଣା ସାମ୍ନାକୁ ଆସିଛି । ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ସ୍କର୍ପିଓ ଡ୍ରାଇଭର ଏବଂ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ଅଛନ୍ତି ।ସୂଚନାନୁଯାୟୀ, ଭଦ୍ରକ ଏନଏଚ୍ ୧୬ ନଳାଙ୍ଗ ସାଇ ମନ୍ଦିର ନିକଟରେ ଏକ ଟ୍ରକ ଛିଡା ହୋଇଥିଲା । ସ୍କର୍ପିଓଟି ପଶ୍ଚିମବଙ୍ଗରୁ ପୁରୀ ଆସୁଥିବା ବେଳେ ଅନ୍ୟମନସ୍କ ହୋଇ ଟ୍ରକକୁ ଜୋରରେ ଧକ୍କା ଦେଇଥିଲା । ଏଥିରେ ଗାଡି ସାମ୍ନା ପଟ କ୍ଷୟକ୍ଷତି ଘଟିଥିବା ବେଳେ ଡ୍ରାଇଭର ଏବଂ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା । ସ୍କର୍ପିଓରେ ଥିବା ଅନ୍ୟ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କୁ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି ।

## କଂଗ୍ରେସ ପ୍ରାର୍ଥୀ ତାଲିକାରୁ ବାଦ ପଡିଲେ ଜୟରାମ ଓ ଗିରିଧର ଗମାଙ୍ଗ !



ଭୁବନେଶ୍ୱର,୨ ।୪(ପି.ଏନ): ଆଜି ପ୍ରକାଶ ପାଇଛି କଂଗ୍ରେସ୍ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ତାଲିକା। ଏଥିରେ ୮ ଲୋକସଭା ଓ ୪୯ ବିଧାନସଭା ପ୍ରାର୍ଥୀଙ୍କ ନାଁ ରହିଛି। ହେଲେ ତାଲିକାରେ କାହାନ୍ତି ଅବିଭକ୍ତ କୋରାପୁଟ୍ ଜିଲ୍ଲା ଦୁଇ ପୁରୁଖା ନେତା ତଥା ଜୟରାମ ପାଙ୍ଗି ଓ ଗିରିଧର ଗମାଙ୍ଗଙ୍କ ନାଁ। ଏପରିକି ତାଙ୍କ ପରିବାରରୁ କାହାରିକୁ ଟିକଟ ମିଳିନି। ଉଭୟ ବାରମ୍ବାର ଦଳବଦଳ କରୁଥିବାରୁ ଦଳ ଉଭୟଙ୍କୁ ବିଶ୍ୱାସକୁ ନେଇନଥିବା ଚର୍ଚ୍ଚା ହେଉଛି ।କୋରାପୁଟ ଜିଲ୍ଲାର ଟାଣୁଆ ଆଦିବାସୀ ନେତା ହେଉଛନ୍ତି ଜୟରାମ ପାଙ୍ଗି। ବିଜେଡିରୁ ଲଗାତାର ଭାବେ ବିଜୟୀ ହେଉଥିଲେ। ହେଲେ ୨୦୧୯ ପୂର୍ବରୁ ବିଜେଡି ଛାଡି ବିଜେପିରେ ମିଶିଥିଲେ। ଆଉ ତା'ପରେ ଦଳ ତାଙ୍କୁ କୋରାପୁଟ ଲୋକସଭା ପ୍ରାର୍ଥୀ କରିଥିଲା। ହେଲେ ସେ ପରାସ୍ତ ହୋଇଥିଲେ। ତା'ପରେ ଜୟରାମ ପାଙ୍ଗି ବିଜେପି ଛାଡି ବିଆର୍ଏସ୍‌ରେ ମିଶିଥିଲେ। ୨ରୁ ୩ ମାସ ତଳେ ସେ ବିଆର୍ଏସ୍ ଛାଡି କଂଗ୍ରେସରେ ମିଶିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ପଟ୍ଟାଙ୍ଗି ଆସନରୁ କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ମଧ୍ୟ ଥିଲେ। ହେଲେ ତାଙ୍କୁ ନିରାଶ ହେବାକୁ ପଡିଛି। କାରଣ ଆଜି ଘୋଷଣା ହୋଇଥିବା କଂଗ୍ରେସ ପ୍ରାର୍ଥୀ ତାଲିକାରେ ପଟ୍ଟାଙ୍ଗିରୁ ରାମଚନ୍ଦ୍ର କାଡାମଙ୍କୁ ଟିକେଟ ଦେଇଛି ଦଳ।

## ସମସ୍ତ VVPAT ସ୍ଲିପ୍ ଗଣତି ଦାବି: ନିର୍ବାଚନ ଆୟୋଗଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ଭୁବନେଶ୍ୱର,୨ ।୪(ପି.ଏନ):ବାଜି ସାରିଛି ନିର୍ବାଚନୀ ବିଗୁଲ। ଦେଶରେ ବର୍ତ୍ତମାନ ନିର୍ବାଚନୀ ମାହୋଲ ଜାରି ରହିଛି। ଏହାରି ଭିତରେ ଇଭିଏମ୍ ଓ ଭିଭିପାଟ୍‌କୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ନୋଟିସ କରିଛନ୍ତି ସୁପ୍ରିମକୋର୍ଟ। ନୋଟିସ ଜାରି କରି ଉଭୟଙ୍କଠାରୁ ଜବାବ ମାଗିଛନ୍ତି ।ପ୍ରକୃତରେ ଲୋକସଭା ନିର୍ବାଚନ ଫଳାଫଳ ପାଇଁ ଇଭିଏମ୍ ସମେତ ଭିଭିପାଟ ସ୍ଲିପ୍ ଗଣାଯିବାକୁ ନେଇ ସାମାଜିକ କର୍ମୀ ଅରୁଣ କୁମାର ଅଗ୍ରୱାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ ବିଆର୍ ଗୱେଇ ଓ ଜଷ୍ଟିସ ସନ୍ଦିପ ମେହତାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଇଭିଏମ୍ ? ସମେତ ସମସ୍ତ ଭିଭିପାଟ ସ୍ଲିପ ଗୁଡିକୁ ଗଣାଯିବା ନେଇ ଜବାବ ମାଗିଛନ୍ତି। ଆସନ୍ତା ମେ' ୧୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଆଶୀଷ ସିଂ ସମେତ ୨ ଜିଲ୍ଲାପାଳ ଓ ୫ ଏସପିଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୨ ।୪(ପି.ଏନ): ରାଜ୍ୟରେ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି । ଆଜି ୨ଜଣ ଆଇଏଏସ୍ ଓ ୬ଜଣ ଆଇପିଏସଙ୍କୁ ତୁରନ୍ତ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ଦୂରେଇ ରଖିବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାଂଚଳ ରେଞ୍ଜ ପୁଲିସ୍ ଆଇଜି ଆଶୀଷ ସିଂଙ୍କ ସମେତ ଜଗତସିଂହପୁର ଓ କଟକ ଜିଲ୍ଲାପାଳ ଏବଂ ୬ ପୁଲିସ ଏସପିଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ବ୍ୟକ୍ତ କରି ନିର୍ବାଚନ କମିଶନ ସେମାନଙ୍କୁ ତତ୍କାଳ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ବିରତ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ଅଫିସରମାନଙ୍କ ସ୍ଥାନରେ ୩ ଜଣ ଲେଖାଏଁ ଯୋଗ୍ୟ ଅଫିସରଙ୍କ ନାଁ ଆଜି ଅପରାହ୍ନ ୫ଟା ସୁଦ୍ଧା ପଠାଇବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ପଠାଇଛନ୍ତି ।ସୂଚନା ଅନୁସାରେ ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ଆଜି ମଙ୍ଗଳବାର ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟରତ ୮ ଜଣ ସର୍ବଭାରତୀୟ ଅଫିସରଙ୍କ ତାଲିକା ପଠାଇ ସେମାନଙ୍କୁ ତୁରନ୍ତ ବଦଳି କରି ଅଣ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିବା ମୁଖ୍ୟ ସଚିବଙ୍କୁ ଅବଗତ କରିଛନ୍ତି।

## ଭୟଙ୍କର ସ୍ଥିତି; ଦିନରେ ମୁଣ୍ଡଫଟା ଖରା, ରାତିରେ ପ୍ରବଳ ଗୁଳୁଗୁଳି !



ଭୁବନେଶ୍ୱର,୨ ।୪(ପି.ଏନ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ! ବିଶେଷ କରି ଆଗାମୀ ୫ ସ୍ଥିତି ଅସମ୍ଭାଳ ହେବ। ଆସନ୍ତା କାଲିଠାରୁ ରାଜ୍ୟର କେତେକ ଜିଲ୍ଲାରେ ଦିନରେ ଅସମ୍ଭାଳ ତାତି ଅନୁଭୂତ ହେବାର ସମ୍ଭାବନା ରହିଛି। ଦିନର ତାତିକୁ ବଳି ଯିବ ରାତିର ଯନ୍ତ୍ରଣା। ପ୍ରବଳ ଗୁଳୁଗୁଳି ହୋଇପାରେ। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆସନ୍ତାକାଲି ଅର୍ଥାତ ୩ ତାରିଖ(ବୁଧବାର)ରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ କେତେକ ସ୍ଥାନରେ ଦିନ ବେଳା ପ୍ରବଳ ଗରମ ଅନୁଭୂତ ହେବାର ସମ୍ଭାବନା ରହିଛି। ସେହିପରି ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ସୋନପୁର, ବୌଦ୍ଧ ଓ ନୟାଗଡ ଜିଲ୍ଲା ଗୋଟିଏ ଦୁଟି ସ୍ଥାନରେ ରାତିରେ ଅସମ୍ଭାଳ ତାତି ସହିତ ଗୁଳୁଗୁଳି ଅନୁଭୂତ ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଧର୍ମଶାଳାରେ ସ୍ମୃତିରେଖା ପହି ହେଲେ ବିଜେପି ପ୍ରାର୍ଥୀ

ଧର୍ମଶାଳା,୨।୪(ପିଏନ୍): ରାଜ୍ୟ ବିଜେପି ପକ୍ଷରୁ ଆଜି ୧୧୨ଜଣ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ସ୍ମୃତିରେଖା ପହିଙ୍କ ନାମ ଘୋଷଣା କରାଯାଇଛି। ଏହାକୁ ନେଇ ତାଙ୍କ ଶୁଭେଚ୍ଛୁଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି । କର୍ମୀମାନେ ବାଜା ବଜାଇ ବାଣ ଫୁଟାଇ ଏହାକୁ ସ୍ୱାଗତ କରିଥିଲେ । ଶ୍ରୀମତୀ ପହି ଗତ ୨୦୧୯ ସାଧାରଣ ନିର୍ବାଚନରେ ଧର୍ମଶାଳାରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ୧୮ ହଜାରରୁ ଊର୍ଦ୍ଧ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ତେବେ ୨ ବର୍ଷ ତଳେ ସେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇ ଦଳୀୟ ସଙ୍ଗଠନକୁ ମଜବୁତ କରିବାକୁ ପ୍ରାୟାସ ଚଳାଇଥିଲେ । ତାଙ୍କୁ ଦଳ ଟିକେଟ ପ୍ରଦାନ କରିଥିବାରୁ ସେ ଦଳିୟ ନେତୃବୃନ୍ଦ ଓ ସାଧାରଣ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଗତ ଡିସେମ୍ବର ମାସରେ ହିମାଂଶୁ ଶେଖର ସାହୁ ବିଜେଡି ଛାଡି ବିଜେପିରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜବୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ସହ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭାସମିତି କରି ବିଜେପି କର୍ମୀମାନଙ୍କ ମଧ୍ୟରେ ଉତ୍ସୁକତା ଭରିବାରେ ସେ ବେଶ ସହାୟକ ହୋଇଥିଲେ। ଶ୍ରୀ ସାହୁ ବିଜେପିରୁ ଟିକଟ ପାଇବେ ବୋଲି ଆଶା ରଖିଥିଲେ, ହେଲେ ଆଜି ଦଳ ପକ୍ଷରୁ ଧର୍ମଶାଳାରେ ସ୍ମୃତିରେଖା ପହିଙ୍କ ନାମ ଘୋଷଣା ହେବା ପରେ ଶ୍ରୀ ସାହୁଙ୍କ ସମର୍ଥକଙ୍କ ମହଲରେ ନୈରାଶ୍ୟ ଖେଳି ଯାଇଛି ।

## ମନୋରଞ୍ଜନ ପାଣିଗ୍ରାହୀ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିସନର



ଭୁବନେଶ୍ୱର,୨ ।୪(ପି.ଏନ): ମନୋରଞ୍ଜନ ପାଣିଗ୍ରାହୀ ଏପ୍ରିଲ୍ ୧ ତାରିଖ ଦିନ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିସନର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିହାର, ଝାଡ଼ଖଣ୍ଡ ସହ ସେ ଓଡ଼ିଶାର ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଶ୍ରୀ ପାଣିଗ୍ରାହୀ ୧୯୮୮ ମସିହା ଭାରତୀୟ ରାଜସ୍ୱ ସେବାର ଅଧିକାରୀ। ଏହା ପୂର୍ବରୁ ସେ ପଶ୍ଚିମବଙ୍ଗ ଓ ସିକିମ୍‌ର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ଥିଲେ।

## ୫-ଟି ଅଧ୍ୟକ୍ଷ: ଶପଥ ନନେଇ ସରକାର !




ଭୁବନେଶ୍ୱର,୨ ।୪(ପି.ଏନ): ୫-ଟି ଏକ ବିଭାଗ ନୁହେଁ। ଏକ ସମିତି ନୁହେଁ। ଏକ ନ୍ୟାସ ମଧ୍ୟ ନୁହେଁ। ଏକ ନିଗମ ବି ନୁହେଁ। ତଥାପି ଏହାର ଜଣେ ଅଧ୍ୟକ୍ଷ ଅଛନ୍ତି ! ଆଉ ସେ ଓଡିଶା ସରକାରଙ୍କର ପ୍ରାୟ ସମସ୍ତ ଗୋପନୀୟ ତଥ୍ୟ ଜାଣୁଛନ୍ତି ବା ଜାଣିବାର କ୍ଷମତା ପାଇଛନ୍ତି। ସେ ଓଡିଶାର ସମସ୍ତ ରାଜସ୍ୱର ଖର୍ଚ୍ଚ ନିର୍ଦ୍ଧାରଣ କରୁଛନ୍ତି। ସମସ୍ତ ସଂପଦର କାରବାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଫିସ ଜରିଆରେ ଓଡିଶାକୁ ଶାସନ କରୁଛନ୍ତି। ଶପଥ ନେଇ ସରକାର ଭଳି କାମ କରୁଛନ୍ତି ୫-ଟି ଅଧ୍ୟକ୍ଷ। ଏହା କେତେ ବୈଧାନିକ ? କେତେ ସାମ୍ବିଧାନିକ ? କେତେ ଗାଣତନ୍ତ୍ରିକ ?ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ। ଓଡିଶା ରିପୋର୍ଟରକୁ ସାକ୍ଷାତକାର ଦେବା ଅବସରରେ ସେ ପ୍ରଶ୍ନ କରିଛନ୍ତି, ଏ ୫-ଟି କ'ଣ ? ଏହା କିପରି ରାଜ୍ୟର ସମସ୍ତ ଗୋପନୀୟ ତଥ୍ୟ ଓ ସୂଚନାର ଅଧିକାରୀ ହୋଇପାରିଛନ୍ତି ?ସତ କହିଲେ ୫-ଟି ସୁଦୁ ଏକ ପରିକଳ୍ପନା। ଏ ପରିକଳ୍ପନା କେବଳ କିଛି ଲୋକଙ୍କ ମୁଣ୍ଡ ଭିତରେ ପହଁରେ। ଏହାର କୌଣସି ସାମ୍ବିଧାନିକ କିମ୍ବା ଗାଣତନ୍ତ୍ରିକ ଆଧାର ନାହିଁ। ଏଭଳି ଏକ ପରିକଳ୍ପନାରେ ବିଧାନସଭାର ଅନୁମୋଦନ ନାହିଁ, ସଂସଦର ସହମତି ନାହିଁ। ଏହା ମଧ୍ୟ କ୍ୟାବିନେଟ୍ ?ର ଏକ ନିଷ୍ପତ୍ତି ନୁହେଁ।୫-ଟି ଅଧ୍ୟକ୍ଷ ସମ୍ବିଧାନ ଅନୁସାରେ ଅନ୍ୟ ମନ୍ତ୍ରୀମାନଙ୍କ ପରି ସରକାରୀ ଗୋପନୀୟତାର ଶପଥପାଠ କରିନାହାନ୍ତି। ଅଥଚ ତାଙ୍କ ଅଧୀନରେ ରହିଛି ପ୍ରାୟ ସବୁ ମନ୍ତ୍ରୀଙ୍କ ବିଭାଗ। ୫-ଟି ଅଧ୍ୟକ୍ଷଙ୍କୁ ମିଳିଛି କ୍ୟାବିନେଟ୍ ? ପାହ୍ୟା। ମାତ୍ର ସେ ମନ୍ତ୍ରୀ ନୁହନ୍ତି। ସେ ମନ୍ତ୍ରୀ ନହେଲେ ବି ମୁଖ୍ୟମନ୍ତ୍ରୀଙ୍କ ପରି ସବୁ କ୍ଷମତାର ଅଧିକାରୀ। ଅଥଚ୍ ସେ ସରକାରୀ ଅଧିକାରୀ ନୁହନ୍ତି। ସେହି ତଥାକଥିତ ପରିକଳ୍ପନାର ପୂର୍ବତନ ସଚିବ ଜଣେ ସରକାରୀ ଅଧିକାରୀ ଥିଲେ। ସେ ଇସ୍ତଫା ଦେଇସାରିଛନ୍ତି। ଏବେ ସେହି ପୂର୍ବତନ ସଚିବ ଏହି ପରିକଳ୍ପନାର ଅଧ୍ୟକ୍ଷ। ସେ ଅଫିସର କି ମନ୍ତ୍ରୀ ହୋଇନଥିବାରୁ ବିଧାନସଭାରେ ଉତ୍ତରଦାୟୀ ନୁହନ୍ତି। ପ୍ରାଶାସନିକ ବ୍ୟବସ୍ଥା ଅନୁସାରେ ତାଙ୍କର ଦାୟିତ୍ୱ କିଛି ନାହିଁ, ତେଣୁ ଉତ୍ତରଦାୟିତ୍ୱ ମଧ୍ୟ ନାହିଁ। ସେ କେବଳ ଏକ ବୁଲା ଷଣ୍ଢ ପରି ଲଗାମହୀନ।୫-ଟି ମାନେ ପାଞ୍ଚଟି ଇଂରାଜୀ ଟି। ଇଂରାଜୀରେ ଭାବିଲେ ଟ୍ରାନ୍ସପାରେନ୍ସି ବା ସ୍ୱଚ୍ଛତା ପାଇଁ ଗୋଟିଏ ଟି, ଟେକ୍ନୋଲୋଜି ବା ପ୍ରଯୁକ୍ତି ପାଇଁ ଆଉ ଗୋଟିଏ ଟି, ଟିମ୍‌ୱାର୍କ ବା ଦଳବଦ୍ଧ କାର୍ଯ୍ୟ ପାଇଁ ଗୋଟିଏ ଟି, ଟାଇମ ବା ସମୟସୀମା ଭିତରେ କାମ ପାଇଁ ଆଉ ଗୋଟିଏ ଟି ଏବଂ ଟ୍ରାନ୍ସଫର୍ମେସନ ବା ରୂପାନ୍ତରଣ ପାଇଁ ଗୋଟିଏ ଟି। ଏସବୁ ସରକାରଙ୍କର ଉଦ୍ଦେଶ୍ୟ ହୋଇପାରେ, ସରକାର ନୁହେଁ। ସରକାରଙ୍କ ଉଦ୍ଦେଶ୍ୟ ହାସଲ ପାଇଁ କାମ କରୁଥିବା ବ୍ୟକ୍ତି ଯଦି ସାମ୍ବିଧାନିକ ପଦରେ ନାହାନ୍ତି ତେବେ ତାଙ୍କୁ ସରକାର ଭାବେ ବିବେଚନା କରାଯିବା ଅସାମ୍ବିଧାନିକ ଓ ଅବୈଧାନିକ।ଏହି ୫-ଟି ଅଧ୍ୟକ୍ଷ ପୁଣି ଜଣେ ଦଳୀୟ କର୍ମୀ। ଦଳରେ ତାଙ୍କର କୌଣସି ପଦପଦବୀ ନାହିଁ। ସେ ଦଳର କର୍ମକର୍ତ୍ତା ନୁହନ୍ତି। ଅଥଚ୍ ସେ ହିଁ ଏବେ ଦଳର ସବୁଠୁ ଶକ୍ତିଶାଳୀ ନେତା। ଦଳୀୟ ସଭାପତିଙ୍କଠାରୁ ବି ଅଧିକ କ୍ଷମତାଶାଳୀ। ସଭାପତିଙ୍କୁ ଭେଟିବାକୁ ହେଲେ ଏହି କର୍ମୀଙ୍କ ଅନୁମତି ଆବଶ୍ୟକ। ସଭାପତି କାହାକୁ କି ଦାୟିତ୍ୱ ଦେବେ ତାହା ଏହି କର୍ମୀଙ୍କ ଜରିଆରେ ଜଣାପଡିବ। ସତରେ ସଭାପତି କିଛି କହିଛନ୍ତି କି ନାହିଁ ତାହା ଜାଣିବାର ସ୍ୱଚ୍ଛ ବ୍ୟବସ୍ଥା ଦଳରେ କିଛି ନାହିଁ।ଏଇ ନିକଟରେ ଦଳ ଛାଡିଥିବା କଟକ ସାଂସଦ ଭର୍ତ୍ତୃହରି ମହତାବ ଗଣମାଧ୍ୟମକୁ କହିଥିଲେ, ଦଳରେ କୌଣସି ନୀତି ଓ ନିଷ୍ପତ୍ତି ଗ୍ରହଣ କରିବାକୁ ଆଉ କୌଣସି ବୈଠକ ବସୁନାହିଁ। ପୂର୍ବରୁ ଦଳର ଏକ ରାଜନୀତିକ ବ୍ୟାପାର କମିଟି ଥିଲା। ତାହାର ଅଧ୍ୟକ୍ଷ ଓ ସଦସ୍ୟମାନେ ବସି ଦଳର ସମସ୍ତ ରାଜନୀତିକ ନିଷ୍ପତ୍ତି ଗ୍ରହଣ କରୁଥିଲେ। କିନ୍ତୁ ପରେ କିଛି ଦ୍ୱନ୍ଦ୍ୱ ଓ ବିବାଦ ସୃଷ୍ଟି ହେବାରୁ ସଭାପତିଙ୍କୁ ଏହି କମିଟିର ଅଧ୍ୟକ୍ଷ କରାଗଲା। ମାତ୍ର କମିଟି ଆଉ ପୁନର୍ଗଠିତ ହେଲା ନାହିଁ। ତେବେ ସଭାପତି କିଛି ବର୍ଷ ଯାଏଁ ବରିଷ୍ଠ ନେତାମାନଙ୍କର ବୈଠକ କରି ବିଭିନ୍ନ ବିଷୟରେ ପରାମର୍ଶ କରୁଥିଲେ ଓ ସେହି ଅନୁସାରେ ନିଷ୍ପତ୍ତି ନେଉଥିଲେ। ଏବେ କେଇ ବର୍ଷ ହେଲା ସେ ବ୍ୟବସ୍ଥା ବି ଆଉ ନାହିଁ।ଭର୍ତ୍ତୃହରି ତଥା ଦଳ ଛାଡିଥିବା ଅନ୍ୟ ବହୁ ନେତାଙ୍କ ବୟାନରୁ ଏହା ସ୍ପଷ୍ଟ ଯେ ସଭାପତି ଓ ଦଳର ଅନ୍ୟ ନେତାମାନଙ୍କ ମଝିରେ ପାଚେରୀ ହୋଇଯାଇଛନ୍ତି ସେହି ନିର୍ଦ୍ଦିଷ୍ଟ ଦଳୀୟ କର୍ମୀ। ପୂର୍ବରୁ ବ୍ୟକ୍ତିଗତ ସଚିବ ଭାବେ ସେ ଯେଉଁ ପାଚେରୀ ତିଆରି କରିଥିଲେ ତାହା ଅଧିକରୁ ଅଧିକ ସୁଦୃ ? ହୋଇଚାଲିଛି। ସେ ଏକମାତ୍ର କର୍ମୀ ଯିଏ ଏକ ବିରାଟ ମଞ୍ଚରେ ଏକା ଭାଷଣ ଦେବେ, ଅନ୍ୟମାନେ ସମସ୍ତେ ତଳେ ବସିବେ। ସେ ଏକମାତ୍ର ଦଳୀୟ କର୍ମୀ ଯାହାଙ୍କ ସୁରକ୍ଷା ପାଇଁ ନିୟୋଜିତ ଅଛନ୍ତି ୭୪ ଜଣ ସରକାରୀ ପୁଲିସ। ସେ ଏକମାତ୍ର ଦଳୀୟ କର୍ମୀ ଯାହାଙ୍କ ପାଇଁ ରାସ୍ତା ସଫା କରନ୍ତି ମନ୍ତ୍ରୀ ଓ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା।

ଏହି ଜଣେ ବ୍ୟକ୍ତି ହିଁ ଏବେ ଦଳ ଓ ସରକାର। ଅନ୍ୟମାନେ କେବଳ ତାଙ୍କର ବୋଲକରା। ଯିଏ ପ୍ରକୃତରେ ସାମ୍ବିଧାନିକ ସରକାର ଏବଂ ଦଳର ମୁଖ୍ୟ ହୁଏତ ତାଙ୍କରି ଅନୁମତି କ୍ରମେ ଓଡିଶା ସରକାର ଏଭଳି ଆଉଟସୋର୍ସିଂରେ ଚାଲିଛି। ଅଥବା ତାଙ୍କର ଅଜ୍ଞତା ଓ ନିଷ୍କ୍ରିୟତାର ସୁଯୋଗ ନେଇ ଏହି ବାବୁଜଣକ ଓଡିଶାର ମାଲିକ ହୋଇଯାଇଛନ୍ତି ।ଏହି ବାବୁ ଜଣକ ନିର୍ବାଚନ ଘୋଷଣା ପୂର୍ବରୁ ରାଜ୍ୟର ସବୁ ଜିଲ୍ଲା ଗସ୍ତ କରି ସରକାରୀ ସଭାରେ ବକ୍ତବ୍ୟ ରଖିଛନ୍ତି। ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପିତ କରିଛନ୍ତି। ଦଳୀୟ ନେତାଙ୍କ ସହ ଫଟୋ ଉଠାଇ ସେ ହିଁ ମୁଖ୍ୟ ବୋଲି ବାର୍ତ୍ତା ଛାଡିଛନ୍ତି। ଅବଶ୍ୟ ତାଙ୍କ ଦଳରେ ସେ ହିଁ ମୁଖ୍ୟ ବା ଦ୍ୱିତୀୟ ମୁଖ୍ୟ, ଏଥିରେ ଏବେ ଦ୍ୱିରୁକ୍ତି ନାହିଁ। ଅଥଚ୍ କାଲି ସକାଳେ ଦଳ ଯଦି ହାରିଗଲା ବା ଦଳର ଆସନ କମିଗଲା ସେଥିପାଇଁ ସେ ଉତ୍ତରଦାୟୀ ନୁହନ୍ତି, କାରଣ ସେ କୌଣସି ପଦପଦବୀରେ ନାହାନ୍ତି ।ବାବୁ ଜଣକ ନିର୍ବାଚନ ପୂର୍ବରୁ ବହୁତ ବୁଲୁଥିଲେ। ବହୁତ ଆଉ ? ତାଙ୍କ ପୋଷ୍ଟର ଲାଗୁଥିଲା। ଅନେକ ସମ୍ଭାବ୍ୟ ଏବଂ ଘୋଷିତ ପ୍ରାର୍ଥୀ ବାବୁଙ୍କ ଫଟୋ ଲଗାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟର ଛାଡୁଥିଲେ। ମାତ୍ର, ଗଲା ଦୁଇ ସପ୍ତାହ ଭିତରେ କ'ଣ ହେଲା କେଜାଣି ବାବୁଙ୍କ ଫଟୋ ଆଉ ଆସୁନାହିଁ। ବାବୁଙ୍କୁ ଦଳୀୟ ସଭାପତି ଦୂରେଇଦେଲେ କି ସେ କୌଶଳପୂର୍ଣ୍ଣ ଭାବେ ନିଜକୁ ଦୂରେଇନେଲେ ତାହା କେହି ଜାଣିନାହାନ୍ତି। ତେବେ, ସେ ନିଜକୁ ନିର୍ବାଚନରୁ ଦୂରେଇ ରଖିଲେ ବି ନିର୍ବାଚିତ ପ୍ରତିନିଧିମାନଙ୍କୁ ଯେ ସେ ସମ୍ବିଧାନ ବହିର୍ଭୂତ ଭାବେ ନିୟନ୍ତ୍ରିତ କରିବେ ନାହିଁ ତାହା ମଧ୍ୟ କେହି କହିପାରିବେ ନାହିଁ। କାରଣ ତାଙ୍କ ଦଳର ବ୍ୟବସ୍ଥା ହିଁ ସେଇଆ।

## ଜିଲ୍ଲା ସ୍ତରୀୟ ରେଡକ୍ରସ କମିଟି ବୈଠକ, ପାଣ୍ଠି ସଂଗ୍ରହ ଉପରେ ଗୁରୁତ୍ୱ

ମାଲକାନଗିରି,୨ ।୪(ପି.ଏନ):ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରେଡକ୍ରସ କମିଟି ବୈଠକ ଜିଲ୍ଲାପାଳ ସଚିନ୍ ପାୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଜରୁରୀ କାଳୀନ ପରିସ୍ଥିତିରେ ଲୋକଙ୍କ ସହାୟତା ପାଇଁ ଜିଲ୍ଲାରେ ରେଡକ୍ରସ ପାଣ୍ଠି ସଂଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ତେଣୁ ସମସ୍ତ ବିଭାଗ ତତ୍ପରତା ପ୍ରକାଶ କରି ଜିଲ୍ଲା ରେଡକ୍ରସ ପାଣ୍ଠି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ଅର୍ଥ ପଇଠ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଲ୍ଲା ରେଡକ୍ରସ ପାଣ୍ଠିର ବ୍ୟୟ ବିଭିନ୍ନ ପ୍ରକାର ଆପଦକାଳୀନ ସମୟରେ ହେଉଥିବାରୁ ଏହି ଅର୍ଥର ସଂଗ୍ରହ ନିତାନ୍ତ ଆବଶ୍ୟକ ରହିଛି। ଜିଲ୍ଲାରେ ବହୁତ ବିପଦ ସଙ୍କୁଳ ରୋଗୀ, ବିପର୍ଯ୍ୟୟ ପୀଡ଼ିତଙ୍କ ନିମନ୍ତେ ଏହି ଅର୍ଥ ବିନିଯୋଗ କରାଯାଇ ଲୋକଙ୍କ ଆଶ୍ୱସ୍ତି ପ୍ରଦାନ କରାଯାଉଛି। ଜିଲ୍ଲାରେ ୧୨୬୫ ଜଣ ଟିବି ରୋଗୀଙ୍କୁ ଏହି ରେଡକ୍ରସ ପାଣ୍ଠିରୁ ପୌଷ୍ଟିକ ଆହାର ଯୋଗାଇ ସେମାନଙ୍କର ଆରୋଗ୍ୟ କାମନା କରାଯାଉଛି। ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ରେଡକ୍ରସର ସଦସ୍ୟ ହେବା ପାଇଁ ଓ ଏହାର ସଂଖ୍ୟା ବୃଦ୍ଧି ନିମନ୍ତେ ଅନୁରୋଧ କରିଥିଲେ। ରେଡକ୍ରସର ସଦସ୍ୟ ହେବାପାଇଁ କିଛି ନାମାଙ୍କନ ରାଶି ସହିତ ଆଧାର ପରିଚୟ ପତ୍ର ଓ ୨ ଟି ଫଟୋ ଆବଶ୍ୟକ ରହିଛି। ମାଲକାନଗିରି ଜିଲ୍ଲାରେ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଜିଲ୍ଲାପାଳ ଆହ୍ୱାନ କରିବା ସହ ସମସ୍ତେ ସ୍ୱେଚ୍ଛାକୃତ ହୋଇ ଏହାକୁ ପ୍ରୋତ୍ସାହନ କରିବା ପାଇଁ ଆଗେଇ ଆସିବା ଦରକାର ବୋଲି ମଧ୍ୟ ସେ ଉଦବୋଧନ ଦେଇଛନ୍ତି। ଏହି ଉଦବୋଧନ କ୍ରମେ ଜିଲ୍ଲାରେ କିଛି ଅଧିକାରୀ ଆଜି ରେଡକ୍ରସର ସଦସ୍ୟ ହେବା ପାଇଁ ନାମାଙ୍କନ କରିଥିଲେ।









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଢ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ଷଡଯନ୍ତ୍ର

ଅଳ୍ପଦିନ ତଳେ ଏକ ଖବର ପ୍ରକାଶ ପାଇଥିଲା ଯେ, କେରଳର ମଲ୍ଲପୁରମର ବାସିନ୍ଦା ନଜୀବ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନରେ ସାମିଲ ହୋଇ ଇସଲାମିକ ଷ୍ଟେଟ ପାଇଁ କାମ କରୁଥିଲା । ଆଫଗାନିସ୍ତାନରେ ତାକୁ ମାରି ଦିଆଯାଇଛି । ନଜୀବ ତାମିଲନାଡୁର ଭେଲୋରରେ ଇଂଜିନିୟରିଂ ପଢୁଥିଲା । ୨୦୧୭ରେ ଆଇଏସ୍‌ଆଇଏସ୍ ରେ ସାମିଲ ହୋଇ ଆଫଗାନିସ୍ତାନ ଚାଲି ଯାଇଥିଲା ।

ବିଶ୍ୱରେ ଇସଲାମର ଶାସନ ପ୍ରତିଷ୍ଠା ପାଇଁ ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନ ସାରା ବିଶ୍ୱର ମୁସଲମାନମାନଙ୍କୁ ନିବେଦନ କରିଥିଲା । ୨୦୧୬ ରୁ ୨୦୧୮ ମଧ୍ୟରେ କେରଳର ଅନେକ ମହିଳା ନିଜ ସ୍ୱାମୀଙ୍କ ସହ ସିରିଆ ଓ ଆଫଗାନିସ୍ତାନର ଖୁରାସାନକୁ ଚାଲିଯାଇଥିଲେ । ସେଠାରେ ସେ ଆତଙ୍କବାଦୀ ସଂଗଠନରେ ଯୋଗଦେଇ ଇସଲାମିକ ଷ୍ଟେଟ ପାଇଁ କାମ କରିଥିଲେ । ବିଭିନ୍ନ ଘଟଣାରେ ସେମାନଙ୍କର ସ୍ୱାମୀଙ୍କୁ ହତ୍ୟା କରାଯିବା ପରେ ସେମାନଙ୍କ ମଧ୍ୟରୁ ୪ଜଣ ମହିଳା ୨୦୧୯ ଡିସେମ୍ବରରେ ଆଫଗାନିସ୍ତାନର ପ୍ରଶାସନ ନିକଟରେ ଆତ୍ମସମର୍ପଣ କରି ଜେଲ ଯାଇଥିଲେ । ମାର୍ଚ୍ଚ ୨୦୨୦ରେ Stratnewsglobal.com ନାମକ ୱେବସାଇଟରେ ସେହି ମହିଳାଙ୍କ ସାକ୍ଷାତକାରର ଭିଡିଓ ସେୟାର କରାଯାଇଥିଲା । ସେହି ଭିଡିଓ ଆଧାରରେ ଯେଉଁ ୪ଜଣଙ୍କୁ ଚିହ୍ନଟ କରାଯାଇଥିଲା ସେମାନଙ୍କ ନାମ ହେଉଛି ଆୟଶା, ରଫିଲା, ମରିୟମ ଏବଂ ନିମିଶା ଓରଫ ଫାତିମା । ନ୍ୟାସନାଲ ଇନ୍‌ଭେଷ୍ଟିଗେସନ୍ ଏଜେନ୍ସି ଅଫ୍ ଇଣ୍ଡିଆ(ଏନଆଇଏ)୨୦୧୭ରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା । ଯେଉଁଥିରେ ୨୧ ଜଣ ମହିଳା ଓ ପୁରୁଷଙ୍କ ନାମ ଥିଲା । ସମସ୍ତେ କେରଳର ବାସିନ୍ଦା । ସେଥିରେ ସୋନିଆ ସେବିଷ୍ଟିୟନ ଓରଫ ଆୟଶାର ମଧ ନାମ ରହିଛି । ୨୦୧୬ରେ ଏମାନେ କେରଳରୁ ପଳାଇ ଯାଇ ଆଫଗାନିସ୍ତାନରେ ଆଇଏସ୍‌ଆଇଏସ୍ ରେ ଯୋଗ ଦେଇଥିଲେ । ଏନ୍‌ଆଇଏ ଏହାର ଚାର୍ଜସିଟରେ ଉଲ୍ଲେଖ କରିଛନ୍ତି ଯେ, ସୋନିଆ ଜଣେ ଇଂଜିନିୟର ସ୍ନାତକ । ସେ ତାଙ୍କ ସ୍ୱାମୀ ଅବଦୁଲ ରସିଦଙ୍କ ସହ ୩୧ ମେ ୨୦୧୬ରେ ମୁମ୍ବାଇ ବିମାନ ବନ୍ଦର ଛାଡିଛନ୍ତି । ଉଭୟ ସ୍ୱାମୀସ୍ତ୍ରୀ ଜୁଲାଇ ୨୦୧୫ରେ ପଦନ୍ନା ଏବଂ କାସରଗୋଡରେ ଇସଲାମିକ୍ ଷ୍ଟେଟ ପାଇଁ ଗୁପ୍ତ ପ୍ରଶିକ୍ଷଣର ଯୋଜନା କରିଥିଲେ । ଯେଉଁଥିରେ ଇସଲାମିକ ଷ୍ଟେଟ ଗଠନ ପାଇଁ ଜିହାଦର ତାଲିମ ଦିଆଯାଇଥିଲା ।

ତାଲିବାନର କ୍ରୁରତା ଓ କଟ୍ଟରତାବାଦର ବିଚାର ସାରା ବିଶ୍ୱପାଇଁ ବିପଦ ହୋଇ ଛିଡା ହୋଇଥିବା ବେଳେ କେରଳର କିଛି ଲୋକଙ୍କୁ ଏହା ପସନ୍ଦ ଲାଗୁଛି । ଏହି ବିଚାର ଆଗାମୀ ଦିନରେ ଦେଶପାଇଁ ବଡ ଚ୍ୟାଲେଂଜ ସୃଷ୍ଟି କରିବ ବୋଲି ୨୦୨୧ ମସିହା ଅକ୍ଟୋବର ପ୍ରଥମ ସପ୍ତାହରେ କେରଳର ଶାସନରେ ଥିବା ସିପିଏମ୍ ପାର୍ଟି ତରଫରୁ ଏକ ଖବରରେ ପ୍ରକାଶିତ ହୋଇଥିଲା । ଯେଉଁଥିରେ କୁହାଯାଇଥିଲା ଯେ ରାଜ୍ୟରେ ଥିବା ମୁସଲମାନମାନଙ୍କର ତାଲିବାନକୁ ସମର୍ଥନ କରିବାର ଭାବନା ଦିନକୁ ଦିନ ବୃଦ୍ଧି ପାଉଛି । ସିପିଏମ୍ ତାର ଆଭ୍ୟନ୍ତରୀଣ ରିପୋର୍ଟରେ କ୍ୟାଡର ମାନଙ୍କୁ ଆଲଟ ରହିବା ପାଇଁ କହିଛି । ଜମାତ-ଏ- ଇସଲାମିକ ସଂଗଠନ କେରଳରେ ତାର ତାଲିବାନୀ ଏଜେଣ୍ଡାକୁ ବଢାଇବାରେ ଲାଗିଛି । ଏଥିପାଇଁ ସେ ସାମାଜିକ ଗଣମାଧ୍ୟମ, ବୁକଲେଟ ଓ ବିଭିନ୍ନ ମାଗାଜିନକୁ ମାଧ୍ୟମ କରିଛି । ଅଣମୁସଲମାନଙ୍କ ମଧ୍ୟରେ ମଧ ଏହି ବିଚାରକୁ ପ୍ରସାର କରିବାରେ ଲାଗିଛି । ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟିକରି ଅସହାୟ ଖ୍ରୀଷ୍ଟିଆନମାନଙ୍କର ଫାଇଦା ହାସଲକରିବାକୁ ଜମାତ-ଏ-ଇସଲାମିକ ଚେଷ୍ଟା କରୁଛି । ଜମାତ-ଏ-ଇସଲାମିକ ଏହାକୁ ମନଗଢା କାହାଣୀ ବୋଲି କହିଛି । ସିପିଏମ୍‌ର ଏହି ଖବରକୁ ମିଥ୍ୟା ବୋଲି କୁହାଯାଇ ପାରିବ ନାହିଁ । ଏନ୍‌ଆଇକୁ ମଧ ଏ ବିଷୟରେ କିଛି ଖବର ମିଳିଛି । ଆଇଏସ୍‌ଆଇଏସ୍ ସହିତ କେରଳର ଅନେକ ସଂଗଠନ ସହିତ ସଂପର୍କ ରହିଛି ।

କେରଳରେ କଣ ତାଲିବାନକୁ ସମର୍ଥନ କରୁଥିବା ସଂଖ୍ୟା ବଢିବାରେ ଲାଗିଛି କି ? କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲୁଛି କି ? କେରଳରେ ତାଲିବାନ ବିଚାରକୁ ବଢେଇବା ପାଇଁ ମହିଳାମାନଙ୍କୁ ଟାର୍ଗେଟ କରାଯାଉଛି କି ? ଏ ପ୍ରଶ୍ନ ଏଇଥିପାଇଁ ଉଠିଚି କି କେରଳରେ ଶାସନ କରୁଥିବା ଦଳ ବିସ୍ଫୋଟକ ପର୍ଦ୍ଦାଫାସ କରିଥିଲା । ଅନେକ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ଯେ କେରଳରେ ସିପିଏମ୍‌ର ଯେଉଁ ତଳସ୍ତରର କମିଟିଗୁଡିକ ଅଛି ସେଥିରେ ଥିବା ବ୍ୟକ୍ତିମାନଙ୍କ ମନରେ ମଧ ଏହି ବିଚାରଧାରା ଭରି ରହିଛି । ପ୍ରଥମେ ସେମାନଙ୍କ ବିରୋଧରେ ସିପିଏମ୍ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କେରଳ ମୁସଲମାନମାନଙ୍କର ଚାଲ , ଚରିତ୍ର ବିଷୟରେ ଯଦି କେରଳ ସରକାର ଅବଗତ ତେବେ କାହିଁକି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି ବୋଲି ଏବେ ପ୍ରଶ୍ନ ଉଠୁଛି । କେରଳ ରାଜ୍ୟ ସରକାର ଏହା ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା । କେରଳର ଏହିପରି ଅନେକ ଘଟଣାକୁ ନେଇ ମଧ ଏକ ଚଳଚିତ୍ର ତିଆରି ହୋଇଛି । ସେଥିରେ ମଧ କେରଳକୁ ଏକ ଇସଲାମିକ ଷ୍ଟେଟରେ ପରିଣତ କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି ଉପସ୍ଥାପନା କରାଯାଇଛି ।

କାଶ୍ମୀର ପଣ୍ଡିତଙ୍କ ନରସଂହାର ଉପରେ ଆଧାରିତ ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ 'ଦି କାଶ୍ମୀର ଫାଇଲ୍ସ' ଚଳଚିତ୍ରକୁ ବିପୁଳ ସଫଳତା ମିଳିଛି । ଏହାପରେ ନିର୍ମାତା ଭିପୁଲ ଅମୃତଲାଲ ଶାହା ପୁଣି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ତିଆରି କରିଥିବା ଚଳଚିତ୍ରକୁ ବଡ ପରଦାକୁ ଆଣୁଛନ୍ତି । ଏହି ଚଳଚିତ୍ରର ନାମ ହେଉଛି 'କେରଳ କାହାଣୀ' (The Kerala Story) । କେରଳର ହଜାର ହଜାର ମହିଳାଙ୍କ ହୃଦୟ ବିଦାରକ ଘଟଣା ଏଥିରେ ବର୍ଣ୍ଣିତ ହୋଇଛି । ମାର୍ଚ୍ଚ ୨୨ ତାରିଖ ଦିନ ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟ ମୁକ୍ତିଲାଭ କରିଛି । ୟୁଟ୍ୟୁବରେ ସେୟାର ହୋଇଥିବା ଏହି ଚଳଚିତ୍ରର ସମ୍ୟକ ଦୃଶ୍ୟର ଅବଧି ୧ ମିନିଟ ୧୦ ସେକେଣ୍ଡର । ଏଥିରେ ଦର୍ଶାଯାଇଛି ଯେ ଲଭଜିହାଦ, ଅପହରଣ ମାଧ୍ୟମରେ କେରଳରୁ ହଜାର ହଜାର ଝିଅମାନଙ୍କୁ ଆଇଏସ୍‌ଆଇଏସ୍ ବିଶ୍ୱର ଇସ୍ଲାମିକ ଯୁଦ୍ଧଗ୍ରସ୍ତ ଅଂଚଳକୁ ପଠାଉଛି । ସେଠାରେ ସେମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯିବା ସହିତ ଯୌନଦାସୀ କରି ରଖାଯାଉଛି । କାହାଣୀ ଆରମ୍ଭରେ ଏକ ପ୍ରଶ୍ନ ପଚରାଯାଇଛି । ଯଦି ଆପଣଙ୍କ ଝିଅ ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରକୁ ନଫେରେ ତେବେ ଆପଣ କିପରି ଅନୁଭବ କରିବେ ? ଏହାପରେ କୁହାଯାଇଛି ୧୨ ବର୍ଷ ମଧ୍ୟରେ ହଜାର ହଜାର ଝିଅ କେରଳରୁ ନିଖୋଜ ହୋଇ ଯାଇଛନ୍ତି ଏବଂ ଏପର୍ଯ୍ୟନ୍ତ ନିଜ ଘରକୁ ଫେରି ନାହାଁନ୍ତି । ତାପରେ ୨୦୦୬ ରୁ ୨୦୧୧ ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଥିବା ଭି ଏସ୍ ଅଚ୍ୟୁତାନନ୍ଦ ଏଥିରେ କହିଛନ୍ତି 'କେରଳକୁ ଇସଲାମିକ ଷ୍ଟେଟ କରିବା ପାଇଁ ପପୁଲାର ଫ୍ରଂଟ ଅଫ୍ ଇଣ୍ଡିଆ (ଚରଓ) ପୁରା ଦମରେ ଲାଗି ଯାଇଛି । ନିଷିଦ୍ଧ ହୋଇଥିବା ସଂଗଠନ ଘଉର ପରି ଏହାର ଉଦ୍ଦେଶ୍ୟ ମଧ ସମାନ । ଆସନ୍ତା ୨୦ ବର୍ଷ ମଧ୍ୟରେ କେରଳକୁ ଇସ୍ଲାମିକ ଷ୍ଟେଟରେ ପରିଣତ କରିବା ସେମାନଙ୍କର ଉଦ୍ଦେଶ୍ୟ ।' ସମ୍ୟକ ଦୃଶ୍ୟରେ ଦେଖା ଯାଇଥିବା ଆକଳନ ଅନୁଯାୟୀ ୩୨,୦୦୦ରୁ ଅଧିକ ମହିଳାଙ୍କୁ କେରଳରୁ ଅପହରଣ କରାଯାଇ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌କୁ ବିକ୍ରି କରାଯାଇଛି । ସୁଦୀପ୍ତ ସେନେ ହେଉଛନ୍ତି କେରଳ କାହାଣୀ ଚଳଚିତ୍ରର ଲେଖକ ଓ ନିର୍ଦ୍ଦେଶକ ।

ଚଳଚିତ୍ରର ନିର୍ଦ୍ଦେଶକ ସୁଦୀପ୍ତ ସେନ୍ କହିଛନ୍ତି ଯେ, ''ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ ୨୦୦୯ ମସିହାରୁ କେରଳ ଏବଂ ମାଙ୍ଗାଲୋରରୁ ପ୍ରାୟ ୩୨,୦୦୦ ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅମାନଙ୍କୁ ଧର୍ମାନ୍ତରିତ କରାଯାଇଛି । ସେମାନେ ଇସଲାମ ଧର୍ମ ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସିରିଆ, ଆଫଗାନିସ୍ତାନ ଏବଂ ଅନ୍ୟାନ୍ୟ ଅଂଚଳରେ ଥିବା ଆଇଏସ୍‌ଆଇଏସ୍‌ମାନଙ୍କ ନିକଟକୁ ପଠାଇ ଦିଆଯାଇଛି ।''

ଚଳଚିତ୍ର ନିର୍ମାଣ କରିବା ପୂର୍ବରୁ ସୁଦୀପ୍ତ ଏହି ବିଷୟ ଉପରେ ଅନେକ ଗବେଷଣା କରିଥିଲେ । ଏହି ସମୟ ମଧ୍ୟରେସେ ଆହୁରି ମଧ ଜାଣିବାକୁ ପାଇଥିଲେ ଯେ, ଅପହରଣ କରାଯାଇଥିବା ଅଧିକାଂଶ ଝିଅ ଏବେ ଆଫଗାନିସ୍ତାନ ଏବଂ ସିରିଆର କାରାଗାରରେ ଅଟକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଇଏସ୍ ଆଇଏସ୍ ଆତଙ୍କବାଦୀଙ୍କୁ ବିବାହ କରିଛନ୍ତି ଓ ଅନେକ ଯୌନ ଦାସୀ ସାଜିଛନ୍ତି ।

# କେତେକ ଅସମାହିତ ପ୍ରଶ୍ନ

ଆଜିକାଲି ସୂଚନା ପ୍ରଯୁକ୍ତିର କ୍ରାନ୍ତି ଦିନକୁ ଦିନ ବଢୁଛି ଯୌଥ ପରିବାର ବଦଳରେ ଏକାର୍ଣ୍ଣବତୀ ପରିବାର ମଧ ବଢୁଛି । ଅନେକ କ୍ଷେତ୍ରରେ ପରିଣତ ବୟସରୁ ବାପ-ମାଆଙ୍କ ପାଇଁ ପିଲାମାନେ ସେବା, ସ୍ନେହ, ସୁଯୋଗ ଦିଅନ୍ତି ନାହିଁ । ତେବେ ଭାରତୀୟ ସନାତନ ସଂସ୍କୃତି ବିଶ୍ୱାସ କରେ ଜୀବନରେ ହେଉଛି ଗୋଟିଏ ଧର୍ମ ତାହା ହେଉଛି ମଣିଷ ଧର୍ମ । ସରକାରଙ୍କ ଅଧୀନରେ ସମସ୍ତ ମନ୍ଦିର ରହିବା ଉଚିତ କି ? ଯଦି ହଁ, ତେବେ ଗୁରୁଦ୍ୱାର, ଚର୍ଚ୍ଚ ଓ ମସଜିଦକୁ ସରକାର ନିଜ ହାତକୁ ନେବା ଉଚିତ ହେବ କି ? ଝିଅମାନେ ବାପଘରେ, ମୌରସି ସମ୍ପତ୍ତିରେ ଯଦି ସମାନ ଭାଗ ପାଇବେ, ତେବେ ବାହାଘର ସମୟରେ ଯୌଥ ପରିବାରରୁ ଝିଅମାନଙ୍କୁ ଯେଉଁ ଯୌତୁକ ଦିଆଯାଇଥାଏ ତାହାସବୁ ବଣ୍ଟନ ସମୟରେ ବଣ୍ଟନଭୁକ୍ତ କରାଯିବା ଉଚିତ ହେବ କି ? ଯଦି ଜଣେ ପୁଅ, ତାକୁ ୨୧ ବର୍ଷ ହେବା ପୂର୍ବରୁ ବିବାହ କରିଥାଏ, ସେ ବିବାହ କୁ ଅବୈଧ ଘୋଷଣା କରାଯିବା ଉଚିତ ହେବ କି ? ଜଣେ ବ୍ୟକ୍ତିର ପ୍ରକୃତ ଅସୁବିଧା ସେ କଚେରୀରେ ଡିଗ୍ରୀ ପାଇବା ପରେ ଆରମ୍ଭ ହୋଇଥାଏ କି ? ଜଣେ ବ୍ୟକ୍ତିକୁ ଡିଗ୍ରୀରେ ପାଇଥିବା ଫଳ ପାଇଁ ବାରମ୍ବାର କୋର୍ଟକୁ ଦୌଡ଼ିବାକୁ ପଡ଼ିଥାଏ । ତେଣୁ ଏପରିସ୍ଥଳେ ପ୍ରତ୍ୟେକ ଡିଗ୍ରୀର ଫଳ ପାଇବା ପାଇଁ ଆଇନରେ ସମୟସୀମା ନିର୍ଦ୍ଧାରଣ ହେବା ଉଚିତ କି ? ଏ ଦାୟିତ୍ୱ ସରକାର ବହନ କରିବା ଉଚିତ କି ? କୋଭିଡ଼-୧୯ ମହାମାରୀରେ ପ୍ରାଣ ହରାଉଥିବା ପିତାମାତା ବିହୀନ ଶିଶୁମାନଙ୍କ (ଖାଦ୍ୟ, ଶିକ୍ଷା, ବାସ ଓ ଚିକିତ୍ସା) ପାଇଁ ସରକାର କି କି ନୀତି ପ୍ରଣୟନ କରିଛନ୍ତି ? ଏ କ୍ଷେତ୍ରରେ ବିଳମ୍ବ କଣ ପାଇଁ ମାନବ୍ୟର ସୁପ୍ରିମକୋର୍ଟ ହସ୍ତକ୍ଷେପ କରୁଛନ୍ତି । ଜଣେ ନିଜକୁ ଯୌନକର୍ମୀ କହି, ଆବାସିକ ପ୍ରମାଣପତ୍ର ନଥାଇ, ଆଧାର କାର୍ଡ଼ ପାଇଁ ଆବେଦନ କରିବା ଓ ପ୍ରାପ୍ତ ହେବା ଯଥାର୍ଥ କି ? ବଡ଼ ଧରଣର ଲଣ୍ଡ୍ରି (ଯେଉଁଠାରେ ଲୁଗା ସଫା ହୁଏ) ତାହା ଫ୍ୟାକ୍ଟ୍ରିସ ଆକ୍ଟର ଅଧିନ ହେବା ଉଚିତ କି ? ନାଗରିକ ଅଧିକାର ବଡ଼ ନା ସାମରିକ ଅଧିକାର ଭାରତରେ ବଡ଼ ? ଯଦି ଗୋଟିଏ ଝିଅ ଏକ ଘରୋଇ ସଂସ୍ଥାରେ ଅନୁବନ୍ଧିତ ହୋଇ ଚାକିରୀ କରିଥାଏ ଯେ ସେ ଚାକିରୀ କାଳରେ ଅନ୍ୟ ସମସ୍ତ କର୍ମଚାରୀ ଯେତିକି ଦିନ ଛୁଟି ପାଇବାକୁ ଯୋଗ୍ୟ ସେ ମଧ ସେତିକି ଦିନ ଛୁଟି ପାଇବେ । କିନ୍ତୁ ବିବାହ ପରେ ସେ ମାର୍ଟିନଟି ଲିଭ ବାରମ୍ବାର ନେଇପାରିବେ କି ? ପୂର୍ବ ଅନୁବନ୍ଧିତ ନିୟମ ତାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇପାରିବ କି ? ପରିଶେଷରେ ଏହା କୁହାଯାଇପାରେ ପାର୍ଟ ଟାଇମ ଲ'ଡିଗ୍ରୀ ହାସଲ କରିଥିବା ଓକିଲ ବାର କାଉନସିଲ ଗୁଡ଼ିକରୁ ଓକିଲାତି ଲାଇସେନ୍ସ ପାଇବାକୁ ଯୋଗ୍ୟ ହେବେ କି ?


# ଭାଗବତ ଗାଦି ବଡ଼ଦାଣ୍ଡ ସେବାକାର୍ଯ୍ୟ





କଟକ (ପିଏନ୍): କଟକ ଧବଳେଶ୍ୱର ଗଡ଼ା ବ୍ରଜବିହାରୀପୁରସ୍ଥିତ ଆଜିକି ପାଞ୍ଚବର୍ଷ ହେଲା ପ୍ରତ୍ୟେହ ଭାଗବତ ପାଠ ଓ ସହସ୍ରାଧିକ ଲୋକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେଉଛି । ସ୍ୱର୍ଗତଃ ନାରାୟଣ ଓଝା ଓ ଚମ୍ପା ଓଝାଙ୍କ ଆଦର୍ଶରେ ଅନୁପ୍ରାଣୀତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ତ୍ରିନାଥ ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଷର ପ୍ରତି ପୂର୍ଣ୍ଣିମାରେ ଅସହାୟ, ବୁଢ଼ାବୁଢ଼ୀ ଓ ଛୋଟପିଲାଙ୍କ ପାଇଁ ମହାପ୍ରସାଦ ସେବନ ବ୍ୟବସ୍ଥା ଓ ଆଧ୍ୟାତ୍ମିକ ସେବାକାର୍ଯ୍ୟ ସମ୍ପାଦନ ହେଉଛି । ପ୍ରତିବର୍ଷ ଚାରଟି ପୂର୍ଣ୍ଣିମାରେ ଦୁଇହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଖାଦ୍ୟ ଓ ମାଗଣା ଔଷଧ ପତ୍ର ବଣ୍ଟନ ହୁଏ । କାର୍ଯ୍ୟକ୍ରମକୁ ସମ୍ପାଦକ ଗଜେନ୍ଦ୍ର ନାୟକ, ଲୋଚନ ବାରିକ, ଦୀପକ ବାରିକ, ଟୁଲିଆ ସ୍ୱାଇଁ, ମନୋଜ ସାହୁ, ସନ୍ତୋଷ ମିଶ୍ର, ହେମାରାଣୀ ଓଝା ପ୍ରମୁଖ ପରିଚାଳନା କରିଥାନ୍ତି । ସରକାରଙ୍କ ବିନା ସହାୟତାରେ କିଛି ବଦାନ୍ୟ ବ୍ୟକ୍ତିତ୍ୱଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥାଏ । କାର୍ଯ୍ୟକ୍ରମ ପାଇଁ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ସହଯୋଗ ରଖୁଥିଲାବେଳେ ପ୍ରତି ମାସରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା



ବାଲେଶ୍ୱର (ପିଏନ୍)- ସମ୍ଭାବ୍ୟ ବାତ୍ୟା ଓ ସୁନାମିକୁ ଦୃଷ୍ଟିରେ ରଖି ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ସ୍ଥାନୀୟ ଓସଓ୍ୱାନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଜରୁରୀକାଳୀନ କକ୍ଷ ବେତାର ଯନ୍ତ୍ରୀ ସତ୍ୟବ୍ରତ ସାହୁ ଓ ଶୀତଳ ପ୍ରସାଦ ସାମଲ ଯୋଗ ଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ବିତରଣ ବ୍ୟବସ୍ଥା ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରିବା ସହିତ ବିସ୍ତୃତ ଆଲୋଚନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟର କର୍ମକର୍ତ୍ତା ଏବଂ ବିଭିନ୍ନ ପ୍ରାକ ବିପଦ ସୂଚନା ବିତରଣ କେନ୍ଦ୍ରର ସମ୍ପାଦକମାନଙ୍କୁ ମଧ୍ୟ ସେମାନେ ଏ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାକ୍ ବିପଦ ସୂଚନା ବିତରଣ କେନ୍ଦ୍ରରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଯଥା ଡିଏମଆର ରେଡିଓ, ସଂକେତଧ୍ୱନି ଯନ୍ତ୍ର, ସଂଚାର ମାଧ୍ୟମ, ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଓ ୟୁନିସେଫ୍ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ଉପସ୍ଥିତ ରହି ଏହାର ସୁପରିଚାଳନା କରିଥିଲେ ।

# କେନ୍ଦ୍ରାପଡା କଲେଜ ବାଣିଜ୍ୟ ବିଭାଗ ପୁରାତନ ଛାତ୍ରବନ୍ଧୁଙ୍କ ମିଳନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ୨୦୧୦ ବ୍ୟାଚର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରେରଣାରେ ଏବଂ ଅଧ୍ୟାପକ ବିଭବ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବିଭାଗର ପ୍ରାକ୍ତନ ଅଧ୍ୟାପକ ଗିରିଶ କୁମାର ପାତ୍ର, ବିନ୍ଦୁମିତ୍ର ବଳ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଅଧିକାରୀ, କୈଳାସ ଚନ୍ଦ୍ର ଲେଙ୍କା, ବୀରେନ କୁମାର ରାଉତ, ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜ୍ଞାନରଞ୍ଜନ ଦାସ, ଅଧ୍ୟାପକ ରଞ୍ଜିତ କୁମାର ଦାସ, ବିଭାଗର ଅନ୍ୟତମ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ୱାଇ ପଦ୍ମାବତୀ, ରଞ୍ଜିତା ଗଡ଼ସରା, ଆର୍ଯ୍ୟାସ୍ମିତା କର ପ୍ରମୁଖ ଯୋଗଦେଇ ସେହି ପୁରାତନ କଲେଜ ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ । ବିଭାଗର କର୍ମଚାରୀ ଦେବ ନାରାୟଣ ବାରିକ, ସୁବାସ ଗୋଛାୟତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ପୁରାତନ ଛାତ୍ର ଅବିନାଶ ପ୍ରଧାନ, ସତ୍ୟରଞ୍ଜନ ସୁଆର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶୁଭନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ର ଚିତ୍ତରଞ୍ଜନ ପତ୍ରୀ, ସୁଭାଶିଷ ଦାସ, ବିକାଶ ଜେନା, ସତ୍ୟଶିବ ପଣ୍ଡା, ଦୀପକ ପରିଡା, ସରୋଜକାନ୍ତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଶ୍ୱରେ ଶାକାହାର

ଭାରତ ଏକ ବହୁ ପ୍ରଦେଶୀ, ବହୁଭାଷୀ, ବହୁ ଆହାରୀ, ବହୁ ବ୍ୟବହାରୀ ଦେଶ ହୋଇଥିବାରୁ ଏଠାରେ ଅନେକ ପ୍ରକାରର ଭିନ୍ନତା ଦେଖାଦେଇଥାଏ । ଖାଦ୍ୟାହାରକୁ ନେଇ ରାଜନୀତି, ମତଭେଦ, ସଂଘର୍ଷ ମଧ ଘଟିଥାଏ । ଖାଦ୍ୟ ଗ୍ରହଣକୁ କେନ୍ଦ୍ର କରି କିଛି ଲୋକ ନିକଟରେ ସୂର୍ଯ୍ୟପରାଗ କାଳରେ ନିଜର ଅହଂ ପ୍ରଧାନ ବୌଦ୍ଧିକତାକୁ ପ୍ରଦର୍ଶନ କରିବାକୁ ଗଣମାଧମକୁ ମାଧମ କରିଥିଲେ, ଅନ୍ୟମାନେ ମୂର୍ଖ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ଏଠି ହିନ୍ଦୁମାନେ କଛା ଭିଡି ମନ୍ଦିରକୁ ଗଲାବେଳେ ମୁସଲିମ ଲୋକେ କଛା ଖୋଲି ମସଜିଦ୍‌କୁ ଯାଇଥାଆନ୍ତି । ମନ୍ଦିରରେ ପୁରୁଷ-ସ୍ତ୍ରୀ ପ୍ରବେଶ କରିପାରୁଥିବା ସ୍ଥଳେ ମସ୍‌ଜିଦରେ କେବଳ ପୁରୁଷଙ୍କୁ ପ୍ରବେଶାଧିକାର ଥିବା ଦେଖିବାକୁ ମିଳୁଛି । ସେମିତି ଗତ କିଛି ବର୍ଷ ହେଲା ମାଂସାହାରକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟିହେବା ଦେଖିବାକୁ ମିଳୁଛି । ପୂର୍ବେ ମାଂସାହାରୀମାନଙ୍କୁ ଗ୍ରାମରୁ ବିତାଡିତ କରାଯାଉଥିଲା ଏବଂ ଯେଉଁମାନେ ମାଂସାହାର କରୁଥିଲେ ସେମାନଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ଅଲଗା କରାଯାଉଥିଲା । ସେମାନେ ଗ୍ରାମରୁ ବାହାରେ ଯାଇ ରହୁଥିଲେ । ସମାଜରେ ଖାଦ୍ୟାହାରର ଭିନ୍ନତାକୁ କେନ୍ଦ୍ରକରି ସ୍ପୃଶ୍ୟ ଅସ୍ପୃଶ୍ୟ ମତଭେଦ ସୃଷ୍ଟି ହୋଇଥିଲା । ସେହି ମତଭେଦ ଏବେ ଅବଶ୍ୟ ଦେଖିବାକୁ ମିଳୁନାହିଁ । କାରଣ ସମାଜର ବଡବର୍ଗ ଏପରିକି ଭାରତର ଅଧିକାଂଶ ପ୍ରଦେଶରେ ମାଂସାହାର ଏକ ଲୋକପ୍ରିୟ ବ୍ୟବସ୍ଥାରେ ପରିଣତ ହୋଇଛି । ଆହାରକୁ କେନ୍ଦ୍ରକରି ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରକଲେ ସତୁରି ପ୍ରତିଶତ ସମାଜ ଅସ୍ପୃଶ୍ୟ ହୋଇଯିବ । ତେଣୁ ପଶୁହତ୍ୟାକୁ ଆଉ ବଡକଥା ବା ଦୋହାବହ ବୋଲି କେହି ଚିନ୍ତା କରୁନାହାନ୍ତି । ଏହି କ୍ରମରେ ଚୀନର ଲୋକେ ଆଉ ଦୁଇପାଦ ଆଗକୁ ଯାଇ ସାରା ବିଶ୍ୱରୁ କୁକୁର, ମାଙ୍କଡ, ମୂଷା, ବିଲେଇ, ସାପ, ସାମୁଦ୍ରିକ ଜୀବ ଆଦି ସଂଗ୍ରହ କରିବାରେ ବ୍ୟସ୍ତ । ନିକଟରେ ପାକିସ୍ତାନକୁ କୁକୁର ରପ୍ତାନୀ କରିବା ପାଇଁ ଚୀନ ପ୍ରସ୍ତାବ ଦେଇଛି । ଚୀନରେ ଗଧମାଂସର ଚାହିଦା ଅଧିକ ଥିବାରୁ ପାକ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଗଧ ରପ୍ତାନୀ ଉପରେ ଜୋର ଦେଇଥିଲେ । ସେମିତି ଆଫ୍ରିକାର ଲୋକଙ୍କ ମଧ୍ୟରେ ମାଙ୍କଡ ମାଂସ ଖାଇବା ଆଗ୍ରହ ଅଧିକ ଥିବାରୁ ସେଠାକାର ଜଙ୍ଗଲଗୁଡିକରେ ମାଙ୍କଡଙ୍କ ସଂଖ୍ୟା ହ୍ରାସ ପାଇଛି । ଭାରତର ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ କୁକୁରମାଂସ ବେଶ୍ ଲୋକପ୍ରିୟ ଖାଦ୍ୟ ହୋଇଥିବାରୁ ନାଗା ଲୋକେ ଏକ ସ୍ୱତନ୍ତ୍ର କାଠି ଯୋଗେ ଅତିକମ୍ ସମୟରେ ଯେ କୌଣସି କୁକୁରକୁ ଶିକାର କରିବାକୁ ସକ୍ଷମ ହୋଇଥାଆନ୍ତି । ସେମାନଙ୍କ ଘର ଋରିପାଖେ କାନ୍ଥରେ ପଶୁଙ୍କ ମୁଣ୍ଡ ବହୁସଂଖ୍ୟାରେ ସଜା ହୋଇ ରହିଥାଏ । ଯେତେ ଅଧିକ ପଶୁମୁଣ୍ଡ ଯିଏ ନିଜର ଘର ଋରିପାଖେ ସଜାଇ ପାରିଲା ସେ ଅଧିକ ଭାଗ୍ୟବାନ ହେବ ବୋଲି ବିଋର କରାଯାଏ । ଏହି ପଶୁମାଂସ ପ୍ରେମରୁ ସମୟକ୍ରମେ



ସେଠାକାର ଲୋକେ ମଣିଷ ମାଂସ ଭକ୍ଷଣ କରିବାକୁ ମଧ ଭଲପାଇଲେ । ସମାଜର ବାହାର ଲୋକଙ୍କୁ ସେମାନେ ଶିକାର କରୁଥିବା ହେତୁ ଅନେକ ଅଞ୍ଚଳକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ମଧ ଲଗାଯାଇଥିଲା । ନିକଟରେ କେରଳର ଜଣେ ମୁସଲମାନ ବ୍ୟକ୍ତି ବର୍ଷ ବର୍ଷ ଧରି ମହିଳାମାନଙ୍କୁ ହତ୍ୟା କରିବା ପରେ ସେମାନଙ୍କ ଯୌନାଙ୍ଗକୁ କାଟି ଫ୍ରିଜ୍‌ରେ ସାଇତି ରଖି ଖାଇବା ଘଟଣା ନିକଟରେ ପୁଲିସ ଦୃଷ୍ଟିକୁ ଆସିଛି । ଆଫ୍ରିକାର ନରପିଶାଚ ଭାବେ ପରିଚିତ ଶାସକ ଇଦି ଅମିନଙ୍କର ମହିଳାଙ୍କ କଟା ସ୍ତନ ଖାଇବାରେ ଅଧିକ ଆଗ୍ରହ ଥିଲା ବୋଲି ଜଣାଯାଏ ।

ଯୁଦ୍ଧ ସଂଘର୍ଷକୁ ସମ୍ମୁଖୀନ ହେବା ଲୋକେ ମାଂସାହାରୀ ହୋଇଥାନ୍ତି ବୋଲି ସାଧାରଣତଃ ଭୁଲ ଧାରଣା ରହିଛି । କିନ୍ତୁ ହଜାର ହଜାର ବର୍ଷର ଯୁଦ୍ଧକୁ ସାମ୍ନା କରିଆସିଥିବା ଉତ୍ତର ପଶ୍ଚିମ ଭାରତର ଲୋକେ ବୈଦେଶିକ ଆକ୍ରମଣକୁ ସାମ୍ନା କରିନଥିବା ଅଞ୍ଚଳଠାରୁ ଅଧିକ ଶାକାହାରୀ ବୋଲି ଜଣାପଡିଛି । ମହାଭାରତ ଯୁଦ୍ଧର କେନ୍ଦ୍ର କୁରୁକ୍ଷେତ୍ର ହରିୟାଣାରେ ରହିଛି, ହେଲେ ଭାରତରେ ଶାକାହାରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟର ସ୍ଥାନ ଦ୍ୱିତୀୟରେ ରହିଛି । ଶାକାହାରୀଙ୍କ ସଂଖ୍ୟାରେ ଅଗ୍ରଣୀ ରହିଥିବା ରାଜ୍ୟଗୁଡିକ ହେଲେ (ପ୍ରତିଶତ ହିସାବରେ) ରାଜସ୍ଥାନ (୭୫), ହରିୟାଣା (୭୦), ପଞ୍ଜାବ (୬୩), ଗୁଜରାଟ (୬୧), ହିମାଚଳ ପ୍ରଦେଶ (୫୩), ମଧ୍ୟପ୍ରଦେଶ (୫୧), ଉତ୍ତର ପ୍ରଦେଶ (୪୭), ଦିଲ୍ଲୀ (୪୦), ମହାରାଷ୍ଟ୍ର (୪୦), ଲଦ୍ଦାଖ (୩୧), ଜାମ୍ମୁ ଓ କାଶ୍ମୀର (୩୧), କର୍ଣ୍ଣାଟକ(୨୧), ଆସାମ (୨୦.୬), ଛତିଶଗଡ (୧୮), ସିକିମ (୧୨), ମଣିପୁର (୧୧) । ଦକ୍ଷିଣ ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଶାକାହାରୀଙ୍କ ସଂଖ୍ୟା ୧୦ ପ୍ରତିଶତରୁ ମଧ କମ୍ ରହିଛି । ଏହି ରାଜ୍ୟଗୁଡିକ ମଧ୍ୟରେ ତ୍ରିପୁରା (୮), ବିହାର (୭.୫), ମିଜୋରାମ (୬), ମେଘାଳୟ (୫)ରେ ପାଞ୍ଚ ବା ପାଞ୍ଚରୁ ଅଧିକ ପ୍ରତିଶତ ଶାକାହାରୀ ଥିଲାବେଳେ ୫ ପ୍ରତିଶତରୁ କମ୍ ଶାକାହାରୀ ଥିବା ରାଜ୍ୟଗୁଡିକ ହେଲେ ଅରୁଣାଚଳ ପ୍ରଦେଶ (୪), ଝାଡଖଣ୍ଡ (୩), କେରଳ (୩), ଓଡିଶା (୨.୬), ତାମିଲନାଡୁ (୨.୩), ନାଗାଲାଣ୍ଡ(୨), ତେଲେଙ୍ଗାନା (୧.୭), ପଶ୍ଚିମବଙ୍ଗ (୧.୪), ଆନ୍ଧ୍ରପ୍ରଦେଶ (୧.୩) । ସେମିତି ବିଶ୍ୱରେ ଶାକାହାରୀ ସଂଖ୍ୟା ଦେଖିଲେ (ପ୍ରତିଶତ ହିସାବରେ) ଆର୍ଜେଣ୍ଟିନା (୧୨), ଅଷ୍ଟ୍ରେଲିଆ (୧୨.୧), ବେଲଜିୟମ(୭), ବ୍ରାଜିଲ (୧୪), କାନାଡା (୭.୬), ଚିଲି (୬), ଚୀନ (୪.୫), କଲମ୍ବିଆ (୪), ଚେକ୍ ରିପବ୍ଲିକ(୫), ଡେନମାର୍କ (୧୦), ଫିନଲାଣ୍ଡ (୧୨), ଇସ୍ତୋନିଆ (୬), ଜର୍ମାନୀ (୧୦), ଗ୍ରୀସ (୪), ହଙ୍ଗେରୀ (୫), ଆୟରଲାଣ୍ଡ (୮.୪), ଜାପାନ (୯), ଲାଟଭିଆ (୫), ଲିଥୁଆନିଆ (୬), ନେଦରଲାଣ୍ଡ (୫), ନରୱେ (୯), ଫିଲିପାଇନ୍ସ (୫), ସିଙ୍ଗାପୁର (୭), ସ୍ୱିଡେନ(୧୨), ତାଇୱାନ (୧୩), ଭିଏତନାମ (୧୦), ଆମେରିକା (୫), ୟୁକ୍ରେନ (୫.୨), ବ୍ରିଟେନ (୧୦), ନିଉଜିଲାଣ୍ଡ (୧୦)ରେ କିଛି କିଛି ଶାକାହାରୀ ରହିଛନ୍ତି । ଇସ୍ରାଏଲରେ (୧୩) ପ୍ରତିଶତ ଶାକାହାରୀ ରହିଛନ୍ତି । ବିଶ୍ୱରେ ଭାରତର ଶାକାହାରୀ ସଂଖ୍ୟା ୨୩ପ୍ରତିଶତରୁ ଅଧିକ ରହିଥିବାର କୁହାଯାଉଛି । କିନ୍ତୁ ଏହି ସଂଖ୍ୟାରେ କେବଳ ଉତ୍ତର ଏବଂ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକର ଅଂଶ ଅଧିକ ରହିଛି । ବିଶ୍ୱରେ ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଶାକାହାରୀ ଥିବାରୁ ଭାରତ ସବୁଠୁ ଆଗରେ ରହିଛି । ସେମିତି ଚୀନରେ ଶାକାହାରୀ ବହୁତ କମ୍ । ସେଠାରେ ପ୍ରାୟ ପ୍ରତ୍ୟେକ ଖାଦ୍ୟ ଏପରିକି ଚିପ୍‌ସକୁ ମାଂସାହାରରେ ଗଣାଯାଇଥାଏ ।




ଭାରତର ଗୁଜରାଟ ପ୍ରଦେଶ ଅନ୍ତର୍ଗତ ଭାବନଗର ଜିଲ୍ଲାରେ ସର୍ବାଧିକ ଶାକାହାରୀ ଥିବା ହିସାବରୁ ଜଣାପଡେ । ଏହି ଜିଲ୍ଲାରେ ଥିବା ପଲିତଣା ଜୈନଙ୍କ ଧାର୍ମିକନଗରୀ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ଶାକାହାରୀ ଦେଖାଯାଇଥାନ୍ତି । ପୃଥିବୀର ସର୍ବାଧିକ ୨ଟି ଶାକାହାରୀ ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅପ୍ରେଲ ୩

# ଉତ୍କଳ ସମ୍ମିଳନୀ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ



ହିମାଂଶୁ ଶେଖର ଆଚାର୍ଯ୍ୟ

୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶର ମାନ୍ୟତା ଆମେ ପାଇଲୁ । ଭାଷା ଭି ିରେ ଓଡିଶା ହେଉଛି ଭାରତର ପ୍ରଥମ ରାଜ୍ୟ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । ତାଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା ଉତ୍କଳ ସମ୍ମିଳନୀ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଉତ୍କଳ ସମ୍ମିଳନୀର ଦୁଇଦିନିଆ ଅଧିବେଶନ କଟକର ଇଦ୍‌ଗାପଡିଆରେ ଅନୁଷ୍ଠିତ ହୋଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଡାକରାରେ ଅନୁଷ୍ଠିତ ଏହି ପ୍ରଥମ ଅଧିବେଶନରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତିତ୍ୱ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କଥା ଚିନ୍ତା କଲେ ସ୍ୱତଃ ମନେପଡି ଯାଆନ୍ତି ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କଥା ସମ୍ରାଟ ଫକୀର ମୋହନ, କର୍ମବୀର ଗୌରୀଶଙ୍କର, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ, ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଆହୁରି ଅନେକ । ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଚରମ ତ୍ୟାଗ ଓ ନିଷ୍ପାପର ଉଦ୍ୟମ ଫଳରେ ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା ।

ଭାରତବର୍ଷରେ ଭାଷାଭି ିକ ପ୍ରଦେଶ ଗଠନ କ୍ଷେତ୍ରରେ ଓଡିଶା ହେଉଛି ପ୍ରଥମ ରାଜ୍ୟ । ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ଗଢିଥିଲା ତାହା ସଫଳ ହୋଇଥିଲା ୧୯୩୬ ମସିହା ଏପ୍ରିଲ ପହିଲାରେ । ପ୍ରାରମ୍ଭିକ ପର୍ଯ୍ୟାୟରେ ତତ୍କାଳୀନ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ – ଏହି ଛଅଟି ଜିଲ୍ଲାକୁ ନେଇ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ଛଅଟି ଜିଲ୍ଲାକୁ ନେଇ ଓଡ଼ିଶାର ସୀମା ସଙ୍କୁଚିତ ହୋଇରହିଲା ୧୯୪୭ ମସିହା ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ । ୧୯୪୮ ମସିହାରେ ଗଡଜାତ ଅ ଳ ମିଶ୍ରଣ ସହ ପରେ କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଓ ୧୯୪୯ ମସିହା ଜାନୁୟାରୀ ପହିଲାରେ ମୟୂରଭଞ୍ଜ ଜିଲ୍ଲା ମିଶିବା ପରେ ମୋଟ ୧୩ଟି ଜିଲ୍ଲାକୁ ନେଇ ଗଠନ ହେଲା ଆଧୁନିକ ଓଡ଼ିଶା ପ୍ରଦେଶ । ଏହି ଜିଲ୍ଲା ସଂଖ୍ୟା ଏବେ ୩୦ରେ ପହ ଂଚିଛି । ଏସବୁ ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅ ଳ ଆନ୍ଧ୍ରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ରହିଯାଇଛି । ୧୯୩୬ ମସିହାରୁ ଅଦ୍ୟାବଧି ୮୮ ବର୍ଷ ବିତିଯାଇଥିଲେ ମଧ୍ୟ ଏସବୁ ଅ ଳର ଏକତ୍ରୀକରଣ ନାନା ରାଜନୈତିକ କାରଣରୁ ହୋଇପାରିଲା ନାହିଁ । ଫଳସ୍ୱରୂପ, ଓଡିଆ ଭାଷାଭାଷୀ ଅ ଳକୁ ନେଇ ପୂର୍ଣ୍ଣାଙ୍ଗ ଉତ୍କଳ ଗଠନର ସ୍ୱପ୍ନ ଏବେ ମଧ୍ୟ ସ୍ୱପ୍ନରେ ପରିଣତ ।

ଆମ ଅତୀତ ଇତିହାସ ଗୌରବମୟ । ଦିନ ଥିଲା ଆମ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଆମ ସାଧବପୁଅ ସାତ ସମୁଦ୍ର ତେର ନଦୀ ପାରିହୋଇ ସୁଦୂର ଜାଭା, ସୁମାତ୍ରା, ବାଲି ଦ୍ୱୀପପୁଞ୍ଜରେ ବେପାର ବଣିଜ କରି ଏ ରାଜ୍ୟକୁ ସମୃଦ୍ଧ କରିଥିଲେ । ମାଟିର ମହାବଳି ସାରଳା ଦାସ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସୃଷ୍ଟି ସମ୍ଭାର ଅନ୍ୟ ଭାଷା ସାହିତ୍ୟରେ ଦୁର୍ଲଭ । କଟକର ସୁନାରୁପା ତାରକସି କାମ, ପିପିଲିର ଚାନ୍ଦୁଆ, ସମ୍ବଲପୁରୀ ଶାଢୀର ଦେଶ ବିଦେଶରେ ବହୁ ଆଦର ଥିଲା । ଓଡ଼ିଆ ଶିଳ୍ପୀର ନିପୁଣ ମୁନ୍ଦରୁ ସୃଷ୍ଟି ହୋଇଥିଲା ମହାନ୍ କଳାର ନିଦର୍ଶନ କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀର ଜଗନ୍ନାଥ ମନ୍ଦିର । ଆମ ରାଜ୍ୟରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଆମ ରାଜ୍ୟର ୧୨ ବର୍ଷର ପୁଅ ଧରମା କୋଣାର୍କ ମନ୍ଦିରର ଚୂଳ ବସାଇଥିଲା।

# ବିଶ୍ୱତ୍ରାଣ ସତ୍ୟସାଇ



ଡଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସଗୃହ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି । ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଦେଶିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟମୟ ଜୀବନରେ ପରିଣତ ହୋଇଛି । ନିର୍ଦ୍ଦେଶିତ ହାନ ପରିବାର ଉନ୍ନତ ହୋଇପାରିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡିକକୁ ପୂର୍ବବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି । ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ଗୁଣାତ୍ମକରେ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉଦ୍ଧାର ବିଧାନ କରି ଯେଉଁ ପରମ ମଙ୍ଗଳ ସାଧ୍ୟ ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିବେ । ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ । ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାଙ୍କୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟରେ ତଥା କର୍ମରେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ଦର୍ଶନ ଓ ସାକ୍ଷାତ ପାଇବା ପାଇଁ ବିଶ୍ୱବାସୀ ଏବେ ବି ଅପେକ୍ଷା କରନ୍ତି । ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚରିତ୍ରଛକ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଥାଉ । ଇତିମଧ୍ୟରେ ସେ ସମସ୍ତଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସମୃଦ୍ଧିରେ ଭରିଦେଇଛନ୍ତି ବିଶ୍ୱର କୋଟି କୋଟି ଆସ୍ତିକ । ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ । ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ରେ ଶିକ୍ଷାର ଆଲୋକ ପାଉନଥିବା ଅ ଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୂଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମାନସିକ ଆଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି । ସତ୍ୟସାଇଙ୍କ ପ୍ରଚର ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କର କୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ । ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଷ୍ଠୀରେ ନିଜ ବଶ୍ୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ । ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ । ଯଦି ଜଣେ ଆଧ୍ୟାତ୍ମିକ ପଥପ୍ରଦର୍ଶକ ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେରଣ ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ । ଅଞ୍ଜୁର ଆତ୍ମ କରି ଅଧିକରେ ପ୍ରେରଣା ସମ୍ଭବ ହେବ । ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ । ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚାଲିଲେ ଚରିତେଷ୍ଟେ ନୀତିରେ ଅଗ୍ରସର ହେବା ଜିଜ୍ଞାସାର ପରିଚୟ ହେବ । ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ ।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୪୩୭୨୪୨୯୫୫*

# ରୁଷିଆରେ ଆତଙ୍କୀ ଆକ୍ରମଣ ଓ ଆଉ କିଛି



ଭାସ୍କର ବାରିକ୍

ଆତଙ୍କବାଦ ଓ ସନ୍ତ୍ରାସବାଦ କାହା ସ୍ୱାର୍ଥରେ ? ଆତଙ୍କବାଦୀ ଗୋଷ୍ଠୀ ଓ ସନ୍ତ୍ରାସବାଦୀ କେଉଁଠୁ ପାଆନ୍ତି ଅତ୍ୟାଧୁନିକ ମାରାତ୍ମକ କ୍ଷେପଣାସ୍ତ୍ର, ମାରଣାସ୍ତ୍ର, ଆଧୁନିକ ଗରିଲା ଯୁଦ୍ଧର କୌଶଳର ତାଲିମ୍ ସହିତ ସମସ୍ତ ପ୍ରକାର ସହାୟତା । ଧର୍ମ ନାମରେ ନିଜର ସ୍ୱାର୍ଥ ହାସଲ, ପ୍ରତିଷ୍ଠା ବୃଦ୍ଧି ଓ ସାମ୍ରାଜ୍ୟର ବିସ୍ତାର ପାଇଁ କିଛି ଦେଶ ଓ ବ୍ୟକ୍ତି ଧର୍ମର ଅଫିମ ଖୁଆଇ ଏମିତି ଗୋଷ୍ଠୀ ତିଆରି କରନ୍ତି, ସେମାନଙ୍କୁ ଉପଯୁକ୍ତ ଯୁଦ୍ଧର ତାଲିମ୍ ଦେଇ, ହାତରେ ମାରାତ୍ମକ ମାରଣାସ୍ତ୍ର ଧରେଇ ଅନ୍ୟ ମାଟିରେ ରକ୍ତର ସୁଅ ଛୁଟେଇବାକୁ ପଠାନ୍ତି । ପ୍ରକୃତରେ ଧର୍ମ କ'ଣ, ଈଶ୍ୱର କ'ଣ, କିଛି ଜାଣି ନଥିବା ଏହି ଆତଙ୍କବାଦୀ ଗୋଷ୍ଠୀ ପରଦା ପଛପଟେ ରହି ନିର୍ଶେକଭାବେ କାମ କରୁଥିବା ପଶୁର କଥା ଅନୁସାରେ ଘଟାନ୍ତି ନାନା ପ୍ରକାର ନାରକୀୟ କାଣ୍ଡ ବିଶ୍ୱର କୋଣ ଅନୁକୋଣରେ । ବିଶ୍ୱର ଅନେକ ଦେଶରେ ଆତଙ୍କବାଦୀ ଓ ସନ୍ତ୍ରାସବାଦୀଙ୍କ ମୃତ୍ୟୁର ଉଲଗ୍ନ ନୃତ୍ୟର ତାଣ୍ଡବଲୀଳା । ଧର୍ଷଣ, ବ୍ୟଭିଚାର, ନୃଶଂସ ହତ୍ୟାକାଣ୍ଡ, ବୋମାମାଡ ଓ ବର୍ବରତା । କିଛି ଲୋକ କହନ୍ତି ଆତଙ୍କବାଦୀଙ୍କର ଧର୍ମ ନାହିଁ ବୋଲି । ଯେଉଁମାନେ ଏପରି ମନ୍ତବ୍ୟ ଦିଅନ୍ତି, ଥରେ ଥଣ୍ଡା ମସ୍ତିଷ୍କରେ ବିଶ୍ୱରେ ଘଟିଥିବା ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣକୁ ତର୍ଜମା କରି ଦେଖନ୍ତୁ , ଭଲଭାବରେ ବୁଝି ହେବ ଅଧିକାଂଶ ବର୍ବରତା ଓ ରକ୍ତାକ୍ତ କାହାଣୀ ପଛରେ କେଉଁ ମାନଙ୍କର ହାତ ରହିଛି । ଆତଙ୍କବାଦୀ ସଂଗଠନ ଗୁଡ଼ିକର ଧର୍ମ ଅଛି କି ନାହିଁ, ତାହା ସ୍ପଷ୍ଟଭାବେ ବୁଝି ହେବ । ପୃଥିବୀରେ ଯଦି କୌଣସି ଦେଶ ସବୁଠାରୁ ବେଶି ଆତଙ୍କବାଦୀଙ୍କ ବିସ୍ଫୋରଣରେ ଆକ୍ରମଣରେ ରକ୍ତାକ୍ତ କ୍ଷତାକ୍ତ ହୋଇଛି, ସେହି ଦେଶଟି ନିଶ୍ଚିତ ଭାବରେ ଭାରତବର୍ଷ । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଡିରେକ୍ଟ ଏକ୍ସନ ଡେ ରେ ଯେଉଁ ଶହ ଶହ ଲୋକଙ୍କର ବର୍ବରୋଚିତ ଗଣହତ୍ୟା ଘଟିଥିଲା, ସେ ସବୁ କିଏ ଘଟେଇଥିଲା । ସ୍ୱାଧୀନତା ପ୍ରାପ୍ତି ସମୟରେ କେତେ ଲୋକଙ୍କର କଟାମୁଣ୍ଡ ରାସ୍ତାରେ ଗଡୁଥିଲା ,ଟ୍ରେନ୍ ବଗିରେ କେତେ ଆବାଳବୃଦ୍ଧବନିତାଙ୍କ ଶବ ଆସୁଥିଲା ସୀମା ସେପାଖରୁ, ବୋଧହୁଏ ତା'ର ସଠିକ୍ ହିସାବ ଇତିହାସ ପାଖରେ ନାହିଁ । ବିନା ଦୋଷରେ ଅସଂଖ୍ୟ ମହିଳା ଧର୍ଷଣ ଓ ଅକଥନୀୟ ନିର୍ଯାତନାର ଶିକାର ହେଲେ, କେଉଁମାନେ ଏପ୍ରକାର କୁକର୍ମ କରିଥିଲେ ? ଭାରତର ଭୂସ୍ୱର୍ଗ କୁହାଯାଉଥିବା କାଶ୍ମୀରରେ ନବେ ଦଶକରେ ଯାହା ଘଟିଲା, ସେ କଳା କଳଙ୍କିତ ଇତିହାସ ପଛରେ କାହାର ହାତ ? ଫେବୃଆରୀ ୧୪ ତାରିଖ ୨୦୧୯ ରେ ପୁଲୱାମା ଘଟଣା କେଉଁମାନେ ଘଟେଇ ଥିଲେ । ୨୬ ନଭେମ୍ବର ୨୦୦୮ ରେ ମୁମ୍ବାଇର ତାଜ୍ ହୋଟେଲରେ କେଉଁମାନେ ଆକ୍ରମଣ କରି ଶହ ଶହ ନିରୀହ ଲୋକଙ୍କୁ ଗୁଳିକରି ମାରିଲେ । ୨୬ ଫେବୃଆରୀ ୧୯୯୩ ରେ ଆମେରିକାର ୱାର୍ଲଡ ଟ୍ରେଡ ସେଣ୍ଟରକୁ ଧୂଳିସାତ କରି ଶହ ଶହ ଲୋକଙ୍କ ଜୀବନ ନେଇ କେଉଁମାନେ ଠୋ ଠୋ ହସୁଥିଲେ । ୧୬ ଡିସେମ୍ବର ୨୦୧୪ ରେ ପାକିସ୍ତାନର ପେଶୱାରରେ ଥିବା ଆର୍ମି ପବ୍ଲିକ ବିଦ୍ୟାଳୟ ଉପରେ ନୃଶଂସ ଆକ୍ରମଣ କରି ନୀରିହ ପିଲାଙ୍କୁ ହତ୍ୟା କରି କି ଖୁସି ମିଳିଲା ପଶୁ ମାନଙ୍କୁ । ହତ୍ୟାକାଣ୍ଡର ଶିକାର ହୋଇଥିବା ଛୋଟ ଛୋଟ ପିଲାମାନେ କି ପାପ କରିଥିଲେ । ୧୩ ଡିସେମ୍ବର ୨୦୦୧ ରେ ଭାରତର ଗଣତନ୍ତ୍ରର ମନ୍ଦିର ସଂସଦ ଉପରେ କେଉଁମାନେ ସନ୍ତ୍ରାସବାଦୀ ଆକ୍ରମଣ କରିଥିଲେ । ଏମିତି ବର୍ବରତାର କାହାଣୀ ଅନେକ ଲମ୍ବା । ସମସ୍ତେ ଆମେ କିଛି କିଛି ତଥ୍ୟ ଜାଣିଛୁ, କିନ୍ତୁ ଏକ ମନ ଏକ ସ୍ୱରରେ କେବେ ପାପି ମାନଙ୍କ ବିରୋଧରେ ଭୀମ ଗର୍ଜନ ଦେଇ ବୋଧହୁଏ ଲଢେଇ କରିନୁ । ଚଳିତ ମାର୍ଚ୍ଚ ମାସ ୨୨ ତାରିଖରେ ରୁଷିଆର ରାଜଧାନୀ ମସ୍କୋର କ୍ରୋକସ୍ ସିଟି ହଲରେ ଏକ ସ୍ୱତନ୍ତ୍ର ସଂଗୀତ ଆସରର ଆୟୋଜିତ ହୋଇଥିଲାବେଳେ, ସଂଗୀତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରୁଥିଲେ ପ୍ରାୟ ଛଅ ହଜାର ଶ୍ରୋତା । ହଠାତ୍ ଆର୍ମି ପୋଷାକରେ ହଲ୍ ଭିତରେ ପ୍ରବେଶ କଲେ କିଛି ଲୋକ ଓ ଚଳେଇଲେ ଏକେ ୪୭ ରୁ ଅନାଧୁନିଆ ଗୁଳିକାଣ୍ଡ ସହିତ ଗ୍ରେନେଡ ମାଡ଼ । ଟଳି ପଡ଼ିଲେ ସେଇଠି ପ୍ରାୟ ଦେଢ଼ ଶହ ପାଖାପାଖି ନିରୀହ ଲୋକ । ଗଭୀର ଭାବରେ ଆହତ ହେଲେ ଦୁଇ ଶହରୁ ଅଧିକ ଲୋକ । ସେତିକିରେ ମନ ଶାନ୍ତି ହେଲାନି ପାପିଷ୍ଠ ମାନଙ୍କର । ଦହନଶୀଳ ତରଳ ପଦାର୍ଥ ଢାଳି ପୁରା ହଲରେ ଲଗେଇ ଦେଲେ ନିଆଁ । ଥରେ ଭାବିଲେ ସେ କରୁଣ ବର୍ବରତା ଭରା ଦୃଶ୍ୟକୁ । ଏ କୁକର୍ମ ପରେ ଏକ କାର ଧରି ୟୁକ୍ରେନ ସୀମାରେଖା ଆଡକୁ ଧାବମାନ ଗତିରେ ଅଗ୍ରସର ହେବା ଅବସ୍ଥାରେ ମସ୍କୋ କମାଣ୍ଡୋ ବାହିନୀ ହାତରେ ଧରା ପଡ଼ିଲେ ଚାରିଜଣ । ଯେହେତୁ ଏ ନାରକୀୟ କାଣ୍ଡ ଘଟାଇ ଆତଙ୍କବାଦୀ ମାନେ ୟୁକ୍ରେନ ସୀମାରେଖା ଆଡକୁ ମୁହେଁଇଥିଲେ, ସ୍ୱାଭାବିକ ଭାବରେ ରୁଷିଆ ୟୁକ୍ରେନକୁ ଏଥିପାଇଁ ଦାୟୀ କରୁଛି । ଦୀର୍ଘ ଦୁଇ ବର୍ଷ ହେଲାଣି ୟୁକ୍ରେନ ରୁଷିଆ ଭିତରେ ଲଢେଇ ଜୋରଦାର ଚାଲିଛି । ଏହି ଘଟଣା ନିଆଁରେ ଘିଅ ଢାଳିବା ପରି ହୋଇଛି । ଭାରତ ସମେତ ବିଶ୍ୱର ତୁଙ୍ଗ ନେତାମାନେ ଏହି ଘଟଣାକୁ କଠୋର ଭାଷାରେ ନିନ୍ଦା କରିଛନ୍ତି । ଏହି ଘଟଣା ପାଇଁ ଆଇଏସଆଇଏସ୍ ନିଜକୁ ଦାୟୀ କରିଛି । ଏହି ଇସଲାମିକ୍ ସଂଗଠନ ନିଜର କାୟା ବିସ୍ତାର କରି ଚାଲିଛି । ଆଫଗାନିସ୍ତାନ,ଇରାକ୍, ସିରିଆ ଆଦି ଦେଶରେ କ'ଣ ଚାଲିଛି, ତାହା କାହାକୁ ଅଛପା ନୁହେଁ । ଆତଙ୍କବାଦୀଙ୍କ ନିଜସ୍ୱ ମନଗଢା ନିୟମ ଅନୁସାରେ ଚାଲିବାକୁ ସମସ୍ତେ ବାଧ୍ୟ । ଟିକିଏ ବ୍ୟତିକ୍ରମ ହେଲେ ମୁଣ୍ଡ କାଟ, ଗୁଳି କରି ହତ୍ୟା, ଗଣ ଧର୍ଷଣ ନହେଲେ ପଥରରେ ଛେଚି ହତ୍ୟା । କେତେଦିନ ଚାଲିବ ଏମିତି ? ଆଜି ଭାରତ ଉପରେ ଆକ୍ରମଣ ହେଉଛି, ଅନ୍ୟମାନେ ନୀରବ ଦର୍ଶକ । ୨୨ ମାର୍ଚ୍ଚରେ ରୁଷିଆ ଉପରେ ଆକ୍ରମଣ ହେଲା, କଥାରେ କଥାରେ ଖାଲି ଘଟଣାର ନିନ୍ଦା । ଆତଙ୍କବାଦୀ କାଣ୍ଡ ଯେଉଁ ଦେଶରେ ଘଟୁନା କାହିଁକି, ଏହା ମାନବିକତା, ମଣିଷପଣିଆ ଓ ମାନବବାଦ ଉପରେ ଅତ୍ୟାଚାର ବୋଲି ବୁଝିବାକୁ ହେବ । ମୁଁ ସୁରକ୍ଷିତ ଅଛି,ମୋ ଦେଶ ସୁରକ୍ଷିତ ଅଛି, ଅନ୍ୟମାନେ ରକ୍ତାକ୍ତ ହୁଅନ୍ତୁ, ଏମିତି ଧାରଣା ରହିଲେ, କେତେବେଳେ ନିଜ ଉପରେ ଘୋର ବିପଦ ମାଡ଼ି ଆସିବ, ସେକଥା କେହି କହିପାରିବେ ନାହିଁ । ନିଦରୁ ଉଠିବାକୁ ପଡ଼ିବ । ତୋର ମୋ'ର ଚିନ୍ତା ଛାଡ଼ିବାକୁ ପଡ଼ିବ । ଆଖି କାନ ଖୋଲି ବୁଝିବାକୁ ହେବ ନିଷ୍ଠୁର ସତ୍ୟକୁ ବିଶ୍ୱର ଶାନ୍ତି ଓ ମୈତ୍ରୀ ପାଇଁ । ଅଧିକ ନୀରବ ରହିଲେ ବିଶ୍ୱର ଆହୁରି ଅଧିକ କ୍ଷତି ହେବ । ଭାରତ ସବୁବେଳେ ଆତଙ୍କବାଦ ଓ ସନ୍ତ୍ରାସବାଦ ବିରୋଧରେ ଲଢ଼େଇ କରିବା ସହିତ ପାପିଷ୍ଠ ପାମର ମାନଙ୍କ ବିରୋଧରେ ଶାଣିତ ସ୍ୱର ଉତ୍ତୋଳନ କରିଛି । ଏବେ ସମୟ ଉପନୀତ ସହଭାଗିତା ଓ ସହଯୋଗିତା ଭିତ୍ତିରେ ସମ୍ମିଳିତ ଉଦ୍ୟମରେ ବିଶ୍ୱରୁ ଆତଙ୍କବାଦ ଓ ସନ୍ତ୍ରାସବାଦର ସଂପୂର୍ଣ୍ଣ ବିଲୋପ ପାଇଁ । ଯଦି ଆମେରିକା , ରୁଷିଆ, ଫ୍ରାନ୍ସ ଭଳି ଉନ୍ନତ ସମୃଦ୍ଧ ରାଷ୍ଟ୍ର ଗୁଡିକୁ ଆତଙ୍କବାଦୀ ମାନେ ପାଣି ପିଆଇ ଦେଉଛନ୍ତି, ତାହେଲେ ସେଥିରୁ ବୁଝି ହେଉଛି ସେମାନଙ୍କର ବଳ ଓ କାୟା ବିସ୍ତାର ସମ୍ପର୍କରେ । ଆଜି ରୁଷିଆ ରକ୍ତାକ୍ତ କ୍ଷତାକ୍ତ ହୋଇଛି, ଅନେକ ଅମୂଲ୍ୟ ଜୀବନ ହରେଇଛି, ଆସନ୍ତା କାଲି ଆଉ କେଉଁ ଦେଶରେ ଏହି କୁକର୍ମ ଅପରାଧର ଯେ ପୁନରାବୃତ୍ତି ନହେବ, ସେ କଥା କିଏ କହିବ । ତେଣୁ ଆତଙ୍କବାଦକୁ ଏକ ଆହ୍ୱାନ ରୂପେ ନେଇ,ଏକ ମନ ଏକ ପ୍ରାଣ ନେଇ ବିଶ୍ୱର ସବୁ ଦେଶ ପାପି ମାନଙ୍କ ବିରୋଧରେ ଏକତ୍ର ମିଶି ଲଢ଼େଇ କରିବା ସହିତ ଆତଙ୍କବାଦଙ୍କୁ ସଂପୂର୍ଣ୍ଣ ଶେଷ କରିବା ପର୍ଯ୍ୟନ୍ତ ନିଜର ସମସ୍ତ ଶକ୍ତି ଓ ଉଦ୍ୟମ ଲଗେଇବା ଜରୁରୀ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

# ସବୁଦିନ ପାଇଁ ନୀରବି ଗଲେ ଭଜନ ସାମ୍ରାଜ୍ଞୀ ଶାନ୍ତିଲତା



ଯଶସ୍ୱିନୀ ପଟ୍ଟନାୟକ

'ଭଜି ଭଜି ତୋ ନାମ ଚକାନୟନ... ଯାଉ ଜୀବନ...' ହୃଦୟସ୍ପର୍ଶୀ ଓ ଆବେଗ ମାଧୁର୍ଯ୍ୟପୂର୍ଣ୍ଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସମର୍ପିତ ଲେଖାକୁ ତମାମ ଜୀବନ ଗାନ କରି ସଙ୍ଗୀତ ପାଇଁ ନିଜ ଜୀବନକୁ ସମର୍ପି ଥିବା ଶାନ୍ତିଲତା ଆଜି ଚିରନିଦ୍ରାରେ। ସଙ୍ଗୀତ ତପୋବନର ତପସ୍ୱିନୀ ଥିଲେ ଶାନ୍ତିଲତା। ଓଡ଼ିଆ ଭକ୍ତି ସଙ୍ଗୀତର ସେ ଭିନ୍ନ ଏକ ସ୍ରୋତସ୍ୱିନୀ। ଯିଏ ବହି ଯାଇଛି ହୃଦୟରୁ ହୃଦୟ ଉପକୂଳକୁ। ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସଙ୍ଗୀତ ପରମ୍ପରାର ଏହି ସ୍ରୋତ ତା କଳା କଲ୍ଲୋଳ ରାଗିଣୀରେ ଓଡ଼ିଆ ଜନ ଜୀବନକୁ ମୁଖରିତ କରି ଆସିଥିଲା। ତାର ଉଦାର ଉପହାରରେ ସଙ୍ଗୀତ କାନନ ସବୁଜ ଶ୍ୟାମଳ ଶ୍ରୀମଣ୍ଡିତ ହୋଇଛି। ବାଗଦେବୀଙ୍କ କନ୍ୟା ଭାବେ ନିରଳସ ସଙ୍ଗୀତ ସାଧନାରେ ସେ ସତତ ନିମଗ୍ନା ଥିଲେ। ଶାନ୍ତିଲତା ସଙ୍ଗୀତକୁ ଜୀବନର ଅଭିନ୍ନ ଅଂଶ ଭାବେ ଗ୍ରହଣ କରି ବିଭୁ ଆରାଧନା ଓ ଈଶ୍ୱର ଅର୍ଚ୍ଚନାର ନୈବେଦ୍ୟ ଭାବେ ଅର୍ପଣ କରି ଆସିଥିଲେ। ପାରମ୍ପରିକ ଓଡ଼ିଶୀ, ପଲ୍ଲୀ, ସୁଗମ, ଛାନ୍ଦ, ଚମ୍ପୁ, ଚଉପଦି, ଚଉତିଷା ଠାରୁ ଭଜନ, ଜଣାଣ ଭଳି ବିବିଧ ଗାୟନରେ ନିଜ ଆମ୍ଳାନ ପ୍ରତିଭାର ସ୍ୱାକ୍ଷରକୁ ସ୍ପଷ୍ଟ କରି ସେ ସାଜିଛନ୍ତି ସ୍ୱଜନୀର ଏକ ପ୍ରଶସ୍ତ ବଳୟ। ସବୁବେଳେ ପାରମ୍ପରିକ ଶୈଳୀକୁ ଗୁରୁତ୍ୱ ଦେଇ ଆସୁଥିଲେ। ମାତ୍ର ଭକ୍ତି ଗୀତ ଗାୟନରେ ସର୍ବାଧିକ ପ୍ରସିଦ୍ଧ ପାଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଗାୟନ ମଧ୍ୟରେ 'ବାସନ୍ତୀ ଅପା'ର 'ମା ମଙ୍ଗଳା' ଗୀତ ପୁରପଲ୍ଲୀରେ ଆଦୃତ ହୋଇଥିଲା।

ପିଲାଟି ଦିନରୁ 'ଜଗବନ୍ଧୁ ହେ ତୁମେ ବଡ଼ କପଟି.......' ଗୀତକୁ ନିଜ କଣ୍ଠରେ ଝଙ୍କୃତ କରି ମହାପ୍ରଭୁ ଶ୍ରୀଜଗନ୍ନାତଙ୍କ କରୁଣା ପ୍ରାପ୍ତ ହୋଇଥିଲେ ଶାନ୍ତିଲତା। ଜୀବନବ୍ୟାପୀ ମହାପ୍ରଭୁଙ୍କ ଜଣାଣ, ଭଜନ ଗାନ କରି ସର୍ବଦା ନିଜକୁ ବିଭୁ ବନ୍ଦନାରେ ସମର୍ପିତ କରି ତାଙ୍କ ମନ ଓ ଆତ୍ମା ମୁଖରିତ ଥିଲା। ତାଙ୍କ ଶୈଶବରୁ ସାମ୍ପ୍ରତିକ ଯାଏ ବ୍ୟାପିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳାଦ୍ରିନାଥ...... ତାଙ୍କ ଜୀବନ ତାଙ୍କ ସ୍ୱର କେବଳ ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ। ଅନେକ ଗୀତ ଗାଇବା ସହ ଅନେକ ଶିଳ୍ପୀଙ୍କୁ ସେ ନିଜ ହାତରେ ଗଢ଼ି ଗଠନ କରିଥିଲେ 'ସ୍ୱରତୀର୍ଥ' ଅନୁଷ୍ଠାନ। ଯାହାକି ଛୋଟ ଛୋଟ ପିଲାଙ୍କୁ ଭକ୍ତି ସଂଗୀତ ଶିକ୍ଷା ଦେଉଥିଲା। ତାଙ୍କ ଅବର୍ତ୍ତମାନରେ ତାଙ୍କୁ ଝୁରୁଛି ସଙ୍ଗୀତ ଜଗତ, ତାଙ୍କୁ ଝୁରୁଛନ୍ତି ଶାନ୍ତିଲତାପ୍ରେମୀ। ତାଙ୍କର ଓଡ଼ିଆ ଭଜନ ପ୍ରତି ଯେଉଁ ଅବଦାନ ଥିଲା ତାହା ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇରହିବ। ସେ ପାଇଥିଲେ ପ୍ରମୁଖ ପରିଚିତି ଆଉ ଈର୍ଷଣୀୟ ଲୋକପ୍ରିୟତା। ଶାନ୍ତିଲତା ବାରିକେ ଥିଲେ ଓଡ଼ିଆ ଭକ୍ତି ସଂଗୀତର ଜଣେ ସୁପରିଚିତ ଓ ଆପଣାର ନାଁ। ନିଜ କଣ୍ଠର ମିଠାପଣ ସହ ଅପୂର୍ବ ଭକ୍ତି ଭାବନା ଯୋଡ଼ି ସେ ଗୀତ ଗାଉଥିଲେ। ତାଙ୍କର ସମସ୍ତ ଗୀତ ଶ୍ରୋତାଙ୍କ ଭିତରେ ବିଭୁଚେତନା, ଭକ୍ତି ଓ ସମର୍ପଣର ବାରିଧାରା ସୃଷ୍ଟି ହେଉଥିଲା।

୧୯୫୮ ମସିହାରେ ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ବ୍ଲକ ବିଷ୍ଣୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶାନ୍ତିଲତାଙ୍କର ପାଣିଗ୍ରହଣ ହୋଇଥିଲା ବ୍ରହ୍ମଗିରି ଅଞ୍ଚଳର କୁଣବେଣ୍ଟି ନିବାସୀ ବସନ୍ତ ଛୋଟରାୟଙ୍କ ସହିତ। ତାଙ୍କ ବାପା ବାସୁଦେବ ବାରିକ ଓ ମାଆ କମଳାଦେବୀଙ୍କ ପ୍ରେରଣା ଓ ଉତ୍ସାହ ତାଙ୍କୁ ସଙ୍ଗୀତ ଜଗତକୁ ପାଦ ଥାପିବା ପାଇଁ ସୁଯୋଗ ସୃଷ୍ଟି କରିଥିଲା। ଓଡ଼ିଶୀ ସଙ୍ଗୀତରେ ଆଚାର୍ଯ୍ୟ ଡିଗ୍ରୀ ଉତ୍କଳ ସଂଗୀତ ମହାବିଦ୍ୟାଳୟରୁ ପ୍ରାପ୍ତ ହୋଇଥିଲେ। ତାଙ୍କୁ ଶିକ୍ଷାଦାନ କରିଥିଲେ ଗୁରୁ ସିଂହାରୀ ଶ୍ୟାମ ସୁନ୍ଦର କର, ମହାନ ଗୁରୁ ସଂଗୀତ ସୁଧାକର ବାଳକୃଷ୍ଣ ଦାସ, ଗୁରୁ ମାର୍କେଣ୍ଡୟ ମହାପାତ୍ର, ଗୁରୁ ଗୋପାଳ ପଣ୍ଡା। ଆକାଶବାଣୀର 'ଶିଶୁ ସଂସାର'ରୁ ଜଡ଼ିତ ହୋଇ ପରେ ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ମର୍ଯ୍ୟାଦା ପାଇଥିଲେ। ତାଙ୍କର ପ୍ରଥମ ଗ୍ରାମଫୋନ ରେକର୍ଡ଼ର ଗୀତଟି ଥିଲା 'ହେ ଚକାନୟନ' ଓ 'ମଲ୍ଲିଫୁଲ ଗଜରା ମାଳ'। ଜୀବନବ୍ୟାପୀ ସଂଗୀତ ସାଧନା ପାଇଁ ୨୦୧୭ରେ ତାଙ୍କୁ ମର୍ଯ୍ୟାଦା ଜନକ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୮ ମସିହାରେ ଏହାର ରେକଡ଼ିଂ ହୋଇଥିଲା। ନଗେନ୍ଦ୍ର ମହାପାତ୍ରଙ୍କ ରଚନା ଓ ବାଳକୃଷ୍ଣ ଦାସଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ଗୀତକୁ ଶାନ୍ତିଲତା ପ୍ରଥମେ ରେଡ଼ିଓରେ ଗାଇଥିଲେ। କୋଲକାତାର ଏକ ଷ୍ଟୁଡ଼ିଓରେ ଗୀତଟି ରେକର୍ଡ଼ ହୋଇଥିଲା।

ଭଜନ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଶାନ୍ତିଲତାଙ୍କର ଉଦ୍ୟମ ପ୍ରଶଂସନୀୟ। ତାଙ୍କର ଅନେକ ପ୍ରସିଦ୍ଧ ଭଜନ ମଧ୍ୟରେ ରହିଛି 'ମୋ ପ୍ରଭୁ ଜଗନ୍ନାଥ', 'କାହ୍ନୁ ହେ, ବଂଶୀ କେ ଦେଲା', 'ଯମୁନା କୂଳ ନୁହେଁ', 'କାଳିଆ ତୋ କଳା କଳା ଡୋଳା', 'ହେ ଚକାନୟନ', 'ଏକା ମୋ ଜଗା ସବୁରି ମୂଳ', 'ମୁଁ ଯେ ଦେଉଳବେଢ଼ା ଦୀପ' ଆଦି। ଶାନ୍ତିଲତା ଗାଇଥିବା ଅନେକ ଭଜନ ଏବେ ବି ଘରେ ଘରେ ଲୋକପ୍ରିୟ। ସବୁଦିନ ପାଇଁ ନୀରବି ଯାଇଥିବା ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକ ଛୋଟରାୟ ଅନେକ ଗୀତ ଗାଇଛନ୍ତି ଯାହାର ହିସାବ ନାହିଁ। ଶାନ୍ତିଲତା ଆଉ ନାହାନ୍ତି ସତ ମାତ୍ର ତାଙ୍କ କଣ୍ଠନିଃଶୃତ କାଳଜୟୀ ଆବେଗର ମାଧୁର୍ଯ୍ୟ ସଂଗୀତ ତାଙ୍କୁ ଚିରକାଳ ଅମର କରି ରଖିବ।

*ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ମହାଭୂତରୁ ଧ୍ୱଂସ ବ୍ୟବସ୍ଥା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ରାବଣ ଓ ତାଙ୍କ ପୁତ୍ର ଇନ୍ଦ୍ରଜିତ ବ୍ୟୋମଯାନରେ ଅଧିକାରୀ ଥିଲେ। ଦେବତା ମାନଙ୍କ ମଧ୍ୟରେ ପକ୍ଷୀ ବାହାନ ନଥିବା ଦେବତା ଆକାଶରେ ଉଡିବା ଧାରଣା ମନ ଭିତରେ ସମସ୍ତଙ୍କର ନିଶ୍ଚେ ଉଙ୍କି ମାରେ। ବିଷ୍ଣୁ ପକ୍ଷୀରାଜ ଗରୁଡ଼ରେ ଭକ୍ତ ପାଇଁ ନିମିଷକେ ପହଞ୍ଚି ପାରନ୍ତି। ସରସ୍ୱତୀ ଲକ୍ଷ୍ମୀ କାର୍ତ୍ତିକେୟ ବ୍ରହ୍ମା ପରି ଦେବତା ଦେବୀମାନେ ଆକାଶପଥ ଚାରୀ ହେବା ବାଧ ପଡ଼େ। ଭକ୍ତ ରକ୍ଷଣ ଏମାନଙ୍କର ଧର୍ମ ହୋଇଥିବାରୁ ଭକ୍ତ ଉପରେ ଆକ୍ରମଣକାରୀ ଶକ୍ତିକୁ ଏମାନେ ଉପସ୍ଥିତ ଆସି ଅନ୍ତ ଘଟାନ୍ତି। ପକ୍ଷୀରାଜ ଗରୁଡ଼ ଆକାଶରେ ଉଡନ୍ତି ମାତ୍ର ତାଙ୍କର ଲକ୍ଷ୍ୟ ସର୍ପ ମାଟିରେ ଥିବାରୁ ଉପରୁ ତା ଉପରକୁ ଝାମ୍ପ ମାରନ୍ତି। ହନୁମାନ ଯୋଗୀ ସେ ଅଷ୍ଟସିଦ୍ଧିର ସାଧକ ପ୍ରବର ସେ ଚିନ୍ତନ ମାତ୍ରେ ହାଲକା ହୋଇ ଆକାଶ ମାର୍ଗରେ ଉଠି ଗଗନ ସଞ୍ଚାର କରିପାରନ୍ତି ସେ ଲଙ୍କା ଯିବା ଲକ୍ଷ୍ମଣ ପ୍ରାଣରକ୍ଷା ପାଇଁ ଜଡ଼ିବୁଟୀ ସଂଗ୍ରହ ପାଇଁ କ୍ଷିପ୍ରଗତିରେ ଗନ୍ଧମାର୍ଦ୍ଦନ ପର୍ବତ ଉଠାଇ ଆକାଶରେ ଆସିବା ଏପରି କରିବା ରାମାୟଣରେ ଅଛି।

ସୀତାଙ୍କୁ ଚୋରାଇ ରାବଣ ପୁଷ୍ପକ ଯାନରେ ଲଙ୍କାକୁ ଉଡି ଯାଇଥିଲେ। ଭାବିଥିଲେ ପାଦରେ ଚାଲୁଥିବା ଶ୍ରୀରାମ ସୀତା ଖୋଜରେ ଅସମର୍ଥ ହୋଇପାରନ୍ତି। ଏସବୁ କଳ୍ପନା ଏବେ ସତ ହୋଇଯିବା ଜଣାଗଲାଣି। ନାନା ପ୍ରକାର ବ୍ୟୋମଯାନ ରକେଟ ଏବେ ଶାନ୍ତି କାମରେ ଓ ଯୁଦ୍ଧ କାମରେ ଲାଗିଲାଣି। ଯୁଦ୍ଧ ପାଇଁ ସବୁ ଦେଶରେ ଆକାଶଯାନ ଲକ୍ଷ ଲକ୍ଷ ଚତୁରଙ୍ଗ ସେନା ମଧ୍ୟରେ ଏବେ ହାତି ବାହିନୀ କଟି ଯାଇ ଉଡାଯାହାଜ ବାହିନୀ ଯୋଡ଼ି ହୋଇଗଲାଣି। ବାସ୍ତୁ ଶାସ୍ତ୍ରରେ ବାସ୍ତ ଭିଟାରେ ନିର୍ମିତ ନିର୍ମାଣ ଘର କେମିତି ଧ୍ୱଂସ ହେବ ଏପରି ସୂତ୍ର ଅଛି। ଗୃହର ଲମ୍ବା ଚୌଡ଼ାର ହାତକୁ ଆଙ୍ଗୁଳ କରି ପରସ୍ପର ଗୁଣ କରି ପୁନଃ ୮ଗୁଣ କରି ସେ ଗୁଣଫଳକୁ ୫ରେ ଭାଗ କଲେ ଗୃହର ନାଶ କେଉଁ ମହାଭୂତ ଦ୍ୱାରା ହେବ ଜଣାପଡ଼େ। ଲମ୍ବା ଗୁଣନ ଚୌଡ଼ାର ଆଙ୍ଗୁଳ ସମାନ ଯାହା ଏହା ବର୍ଗଆଙ୍ଗୁଳ, ବର୍ଗ ଆଙ୍ଗୁଳ ଗୁଣନ ଆଠ, ଏହା ଗୃହର ପିଣ୍ଡ, ପିଣ୍ଡ ହରଣ ୬୦ ଗୃହର ପରମାୟୁ, ପରମାୟୁ ବର୍ଷକୁ ୫ରେ ହରିଲେ ଭାଗଶେଷରୁ ନାଶ ବିଚାର ହୁଏ। ୧=କ୍ଷିତି ଛାଆକୁ ଘର ଭାଙ୍ଗେ, ୨-ଅପ ଜଳ ଦ୍ୱାରା ଗୃହ ଭାଙ୍ଗେ, ୩-ତେଜ ଅଗ୍ନୀ ଦ୍ୱାରା ଗୃହ ଦ୍ୱାରା ନଷ୍ଟ ହୁଏ। ୪-ବାୟୁ ପବନ ଦ୍ୱାରା ଗୃହ ଭାଙ୍ଗେ, ୫-ବ୍ୟୋମ ଆକାଶ ଦ୍ୱାରା ଗୃହ ନଷ୍ଟ ହୁଏ। କ୍ଷିତି ଦ୍ୱାରା ଗୃହ ନଷ୍ଟ ଅର୍ଥ ଛାଆଁକୁ ଗୃହ ଭାଙ୍ଗେ ବା ଭୂମିକମ୍ପ ଦ୍ୱାରା ଗୃହଭାଙ୍ଗେ। ତେବେ ବାଲି ବନ୍ଧ ଗୃହ କାଲି ଖସିଗଲେ ଚପି ଗଲେ ଗୃହ ଭାଙ୍ଗିପାରେ। ଜଳଦ୍ୱାରା ଗୃହ ଭାଙ୍ଗେ କୌଣସି ବଡ଼ ଜଳାଶୟ ଠାରୁ ୨୫ ହାତରୁ ଦୂରରେ ଗୃହ ନିର୍ମାଣ ଆବଶ୍ୟକ। ବଡ଼ ନଦୀବଳ କଣ୍ଠିଆରୁ ତଳ ଘର କଲେ ବନ୍ୟାରେ ଗୃହ ଦୋଇ ଯାଇପାରେ ସେପରି ସହରରେ ଗୃହ ନିର୍ମାଣରେ ଏବେ ସହରି ରାସ୍ତାମାନ ବେଲକୁ ଉଚ୍ଚା ସମ୍ଭାବନା ରହିଲାଣି। ଏପରି ଯୋଗୁ ଘରର ଆୟୁ କମିବ ଘର ଭିତରେ ବାହାର ପାଣି ପଶି ନିର୍ମାଣ ଦୁର୍ବଳ ପ୍ରତିବର୍ଷ ସମୁଦ୍ର କୂଳରେ ଏପରି ଘର ମଧ୍ୟ ନିରାପଦ ନୁହେଁ। ଧାନ କ୍ଷେତ୍ରରେ କେହି ଗୃହ କରିଲେ ବୁଝି ବିଚାରୀ କରିବା ଦରକାର। ଗୃହରୁ ଜଳ ନିଷ୍କାସନ ପାଇଁ ସ୍ଥାନ ସଠିକ ନରଖିଲେ ଗୃହଟିର ମାଟି ଖରା ହୋଇ ଗୃହ ନଷ୍ଟ ହେବ। ଗୋରୁ ଗୁହାଳ ପାଖ ସାରଗୋଦାମ ପାଖ ଲୁଣ ଜମା ଥିବା ସ୍ଥାନରେ ଘର କଲେ ମାଟି ଦବାଇ ମାଟି ଖାରୀ ହୋଇ ବର୍ଷାଋତୁରେ ଘର ଦୁର୍ବଳ ହୋଇ ଶୀଘ୍ର ନଷ୍ଟ ହୁଏ। ଖାଲୁଆ ସ୍ଥାନରେ ପୋଖରୀ ପୋତି ଘର କରିଥିଲେ ଗୃହକୁ ୱାଟର ଟ୍ରିଟମେଣ୍ଟ ନିଅଁ ପକାଇବା ବେଳେ କରାଯିବା ଦରକାର। ଏପରି କରିନଥିଲେ ତଳୁ ଜଳ ସିମେଣ୍ଟ ବାଲି ଇଟା ଭିଜାଇ ଛାତଯାଏ ପାଣି ଶୋଷି ହୋଇ ଘରକୁ ଦୁର୍ବଳ କରି ଶୀଘ୍ର ନଷ୍ଟ କରେ। ମାଟିଘର ସନ୍ତାଇ ନଷ୍ଟ କରିଥାଏ।

ଅଗ୍ନୀ ବା ତେଜ ଦ୍ୱାରା ଗୃହନଷ୍ଟର ବହୁ ପ୍ରକାରରେ ହୋଇପାରେ। ଅଗ୍ନୀ ଯଦିବା ତେଜ ତଥାପି ତେଜ ଏକ ସ୍ୱତନ୍ତ୍ର ପ୍ରକାରର ତାପ ପ୍ରଦାନକାରୀ ଧାରା ସୂର୍ଯ୍ୟ କିରଣର ତେଜ ନିଆଁ ପରି ଜ୍ୱଳା ଅଛି। ସିମେଣ୍ଟ ବାଲିରେ ନିର୍ମିତ ଛାତ ବାରମ୍ବାର ଟାଣ ଖରା। ଗ୍ରୀଷ୍ମ ଋତୁରେ ଖାଏ ଠିକ ପରେ ପରେ ଆସେ ବର୍ଷାଋତୁ ଫଳରେ ଗରମ ଓ ଥଣ୍ଡା ଏପରି କେତେ ବର୍ଷ ଛାତ ଖାଇ ଖାଇ ନଷ୍ଟ ହୋଇପାରେ। ହଠାତ ବର୍ଷା ଅସରାୟ ଯଦି ଛାତ ଟାଣ ଖରାଦିନେ ଆସି ବର୍ଷା କରିଦିଏ ତେବେ ପ୍ରସାରିତ ଛାତ ସଂକୁଚିତ ହୋଇ ଫାଟିଯାଇପାରେ। ଟିକେ ଫାଟ ପରେ ବଡ଼ ଫାଟ ହୁଏ ଜଳ ଉପରୁ ନିଗିଡ଼ି ଲୁହାରଡ଼ କଳିଙ୍ଗି ଲାଗେ। ଏପରି ଛାତ ଦୁର୍ବଳ ହୁଏ। ଗରମ ଯୋଗୁଁ ଇଶାନରୁ ନୈରତ କୋଣ ଯାଏ ଦକ୍ଷିଣ ଦିଗ ହୋଇ ପ୍ରତି ଗୃହରେ ସୂର୍ଯ୍ୟଙ୍କ ଗତି ଯୋଗୁଁ କାନ୍ଥ ଏଇ କୋଣର ପୂର୍ବଦିଗ ଦକ୍ଷିଣ ଦିଗ ଧରି ଦିନ ତମାମ ତାପ ଧରୁଥାଏ। ଅଗ୍ନୀକୋଣରେ ସର୍ବୋଚ୍ଚ ତାପ ଧରେ ଅଗ୍ନୀକୋଣ ଗୃହର ଅଗ୍ନୀସ୍ଥାନ, ଏଠାରେ ରୋଷେଇ ଘର ଏବେ କରଯାଉଛି। କାରଣ ଗ୍ୟାସ ସିଲିଣ୍ଡର ରୋଷେଇ ସମସ୍ତ ଘରେ ଏକ ଯହିଁରେ ଧୂଆଁ ହେଉନାହିଁ। କାଠପତ୍ର ଜାଳରେ ରୋଷେଇ ଗୃହ ଭିତରେ ଧୂଆଁ ଅଳନ୍ଧୁ ସୃଷ୍ଟି କରିବ ବୋଲି ଏହାକୁ ବାଦ ଦେଉଥିବାରୁ ପୂର୍ବ ରୋଷେଇ ଘର ଦିଗ ଓ ବାହାର ରୋଷେଇ ଏବେ ମନୋନୀତ ନୁହେଁ। ମନୁଷ୍ୟ ଶରୀରରେ ଅନେକ ପ୍ରକାର ଅଗ୍ନୀ ଅଛି। ଜଠରାଗ୍ନୀ, କାମାଗ୍ନୀ ଏହାବାଦ ଆହୁରି ଅଛି ଶରୀରରେ ତାପ ରହିଛି ଏକଥା ସମସ୍ତେ ଅନୁଭବ। ଏହି ଏକ ଓ ଦୁଇ ଅଗ୍ନୀ ଦୁଇଟି ପେଟରେ ଓ ଯୌନାଙ୍ଗରେ ଅଛି ଯାହା ଏଇ ଅଗ୍ନୀକୋଣର ବସ୍ତୁ ସଠିକ ନରହିଲେ ଏହା ସେ ଗୃହରେ ଏଇ ବିକାର ସୃଷ୍ଟି କରେ। ପେଟରେ ରୋଗ, କଳି ଛାତ୍ରପତ୍ର ସ୍ୱାମୀ ସ୍ତ୍ରୀ ଅମେଳ ଲାଗିରହେବ। ଅଗ୍ନୀ ଅସବଧାନରୁ ଗୃହରେ ଲାଗିପାରେ, ଶରୀରରେ ଯାନରେ ଲାଗିପାରେ। ଶତ୍ରୁ ତାରୁ କେହି ଗୃହରେ ଅଗ୍ନୀ ସଂଯୋଗ କରିପାରେ। ଗୃହରେ ଘଡ଼ଘଡ଼ି ବଜ୍ର ପଡ଼ିପାରେ। ଯୁଦ୍ଧରେ ବୋମା ପଡ଼ିପାରେ ଚୋରୀ କୋଇତିରେ ଗୁଳି ମାଡ଼ ହୋଇପାରେ। ଏ ସମୟରେ ମାରଣ ଯୁଦ୍ଧ ଏହି ଯୁଦ୍ଧରେ ଆଗ୍ନେୟାସ୍ତ୍ର ମାନ ପ୍ରୟୋଗ ଯୋଗୁ ଅନେକ ଧନଜନ, ସମ୍ପତ୍ତି, ଘର ନଷ୍ଟ। ପ୍ରତିଗୃହରେ ବିଜୁଳି ସଟ ସର୍କିଟରୁ ନିଆଁ ଲାଗୁଛି। ଏପରି ଗୃହରେ ଅଗ୍ନୀଦ୍ୱାରା ନାଶ। ବାୟୁ ଦ୍ୱାରା ନାଶ ବାୟୁ ହେଉଛି ପବନ ଝଞ୍ଜା ଚକ୍ରବାତ ଘୂର୍ଣ୍ଣିବାତ୍ୟା ମହାବାତ୍ୟା ଆଦି ବାୟୁ ବାୟୁକୋଣ ପଶ୍ଚିମ ଉତ୍ତରକୋଣ ସମ୍ବନ୍ଧ ଯାହା ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁର ଆରମ୍ଭରୁ ଏକ ମାସ ମଧ୍ୟରେ ଯାହା ଅକ୍ଟୋବର - ନଭେମ୍ବର ମାସ ମଧ୍ୟରେ। ଶୀତ ଋତୁରେ ପଶ୍ଚିମା ପବନ ବହେ। ଖରାଦିନରୁ ଅଧା ଭୋଗ ପରେ କାଳ ବୈଶାଖୀ ବହେ, ଏଥିରେ ବି ସାଂଘାତିକ ପବନ ଆଘାତ କରେ ଏବି ବାୟୁ କୋଣ ସମ୍ବନ୍ଧରେ ଅଗ୍ନୀକୋଣ ପବନରେ ମାଡ଼ରୁ ହୁଏ। ବାୟୁଙ୍କୁ ବିଶ୍ୱାସ ନାହିଁ। ଭାରତର ବାୟୁକୋଣରେ ପାକିସ୍ଥାନ ସ୍ୱାଧୀନତା ପୂର୍ବରୁ ଭାରତବାସୀ ଏହି ଦିଗ ଲୋକଙ୍କୁ ବିଶ୍ୱାସ କରନ୍ତି ନାହିଁ। ଖାଇବାର ପରି ସଙ୍କଟ ଦେଇ ଭାରତକୁ ଆକ୍ରମଣକାରୀ ଆସିଛନ୍ତି। ମହାଭାରତର ଗନ୍ଧାର ବେଳେ ଗାନ୍ଧାରୀ ଓ ଶକୁନୀ ଏଇ ବାୟୁଦେଶରୁ ଆସିଥିବା ବ୍ୟକ୍ତି ଏମାନଙ୍କ ଯୋଗୁ ମହାଭାରତ ଯୁଦ୍ଧ। ଗାନ୍ଧାରୀ ଚକ୍ଷୁସ୍ମାନ ହୋଇବି ନିଜର ପିଲାମାନଙ୍କର ଭୁଲ ସୁଧାର କରିପାରି ନଥିଲେ ଆଖିରେ ସ୍ୱାମୀଙ୍କର ଆଖି ନଥିବାରୁ ନିଜେ ଅନ୍ଧ ପୋଟଳି ସର୍ବଦା ବାନ୍ଧି ରଖିଥିଲେ। ଧର୍ମପତ୍ନୀର ଧର୍ମ ତୁଲାଇବାରେ ହେଳା ନକଲେବି ପିଲାଙ୍କର ଭୁଲ ସୁଧାର ବାଲ୍ୟକାଳରେ ନକରିବାର ଫଳ ପର ସମୟରେ ମହାଭାରତ ଯୁଦ୍ଧ ଯାଏ କଥା ଚାଲିଗଲା। ପଶ୍ଚିମ ଝରକା ରନ୍ଧ କରାଯାଏ। ବିଦିଶା କ୍ଷେତ୍ରରେ ଦକ୍ଷିଣ ଦିଗ ନୈରତ୍ୟକୁ ବୃଦ୍ଧି ରହିଲେ ଭାବିଚିନ୍ତି ମାପ କରି ଝରକା ଖୋଲାଯାଏ। ସୂର୍ଯ୍ୟ ଅସ୍ତ କିରଣ ଗୃହରେ ଭାଇରସ ଜନିତ ରୋଗ କରାଏ।

ତାପରେ ଆକାଶ ଭୂତ। ପୂର୍ବରୁ ଆକାଶରୁ ଉଲକା ପିଣ୍ଡ ଖସିବା ଦେଖାଯାଉଥିଲା। ମହାକାଶର କାବା ହେଉଛି ଏମିତି ଏକ ବୃହଦ୍ ଉଲକା ଖଣ୍ଡର ଆକାଶୀୟ ଟାଣ ଦ୍ରବ୍ୟ। ଯହିଁରେ ପବିତ୍ର ସ୍ୱର୍ଣ୍ଣଯୋଗ୍ୟ ସମ୍ମାନୀୟ ସାମଗ୍ରୀ ଯାହା ପୃଥିବୀର ଅନ୍ୟତ୍ର ନାହିଁ। ଶୀତ ଦିନେ ଏ ସବୁ ଦକ୍ଷିଣାୟନ ଓ ଉତ୍ତରଣାୟର ଯୋଡ଼ାଇ ଦୁଇ ମାସରେ ଏ ପୃଥିବୀକୁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିରେ ଟାଲି ଆସୁଥିଲା। ଏ ବାୟୁ ମଣ୍ଡଳରେ ଘର୍ଷଣ ହୋଇ ଆସିଲା ବେଳେ ଲାଲ ଅଗ୍ନୀ ପିଣ୍ଡ ସଦୃଶ ଆସୁଥିଲା। ଜ୍ୱଳନ୍ତ କୋଇଲା ପରି ତାପ ବିକରଣ କରି ପଡ଼ିବା ସ୍ଥାନକୁ ପୋଡ଼ି ପକାଇ ହାନି ହେଉଥିଲା। ବହୁ ଯାଦୁଘରେ ଏପରି ସଂଗୃହିତ ଦ୍ରବ୍ୟ ରହିଛି। କେହି କଲିକତା ଯାଦୁଘର ଗଲେ ଖୋଜକରି ଦେଖି ପାରିବେ। ଲାଞ୍ଜି ତାରା ଏପରି ଏକ ତାରା ବହୁ ବର୍ଷ ଦେଖାଦିଏ। ବହୁଲୋକ ଆକାଶକୁ ଟେଳା ଫିଙ୍ଗି ତାର ତାର ନିର୍ଦ୍ଦିଷ୍ଟ କୋଣରେ କୌଣସି ସ୍ଥାନକୁ ପକାଇଥାନ୍ତି। ଏପରି ଆକାଶରୁ ବୋମା ଫିଙ୍ଗି କାର୍ଯ୍ୟ ଏବେ ଚାଲିଛି। ରକେଟ ଉଡାଯାହାଜ ମାନ ଆକାଶରେ ଉଡୁଛନ୍ତି ତାହା କକ୍ଷଚ୍ୟୁତ ଇଞ୍ଜିନର ତ୍ରୁଟି କେଉଁଠି ବି ପଡ଼ିପାରେ। ଥରେ ଆକାଶରୁ ସ୍କାଇଲାବ ପଡ଼ିଥିଲା। ଏ ପାଇଁ ସ୍କୁଲ କଲେଜ ଅଫିସରେ ଆତଙ୍କ ଯୋଗୁଁ ବନ୍ଦ କରାଯାଇଥିଲା ଏବେ ବେଳେ ବେଳେ ଖବର ଶୁଣାଯାଏ କୌଣସି ଆକାଶୀୟ ଦ୍ରବ୍ୟ ବହୁ ଯୋର ପୃଥିବୀ ଆଡ଼କୁ ମାଡ଼ି ଆସୁଛି। ବାୟୁ ମଣ୍ଡଳରେ ଓଜନ ସ୍ତରରେ କଣଶ ହୋଇ ଯାଇଛି ଫଳରେ ଉତ୍ତାପ ବୃଦ୍ଧି ସଂସାରରେ ଚାଲିଛି ଶେଷରେ ବରଫ ତରଳୁଛି ପାଣିପାଗର ଧାରା ବଦଳିବାରେ ଲାଗିଛି ଇତ୍ୟାଦି। ଏଥିରୁ ସତର୍କ ସୂଚୀ ଏକ ମୃତ୍ତିକା ନିର୍ମାଣ ମାନ କେଉଁ କେଉଁ ପ୍ରକାର ନାଶ ନିୟମରେ ଗୃହ ସବୁ କରାଯିବା ଉପଦେଶ ଦେଇଥାନ୍ତି। ତାକୁ ଭଲ ଭାବରେ ବୁଝି ଗୃହ ନିର୍ମାଣକୁ ଆଗଭର ହେବା ଦରକାର।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*




# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃ ିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈ ରୀୟ ଆରଣ୍ୟକର ଯାଜ୍ଞିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହର୍ପ୍ପାର ପ୍ରତ୍ନତା ିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂ ି, ଦେବୀ ମୂ ି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉଡ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବ ୀ ବିଜୟନଗରମ୍ ଇତ୍ୟାଦି ଅ ଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅ ଳକୁ ଉତ୍କଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉତ୍କଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବ ୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗା ରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବ େ ଦ୍ୱିଭୂଜା, ଚର୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂ ିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଧିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଧିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତ ୍ର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବ ିନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବ ିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂ ିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀ ିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।

ସହକାରୀ ପ୍ରଫେସର, ଶରୀରତ ୍ର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୪୯୭୯୯୦୬

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୁତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସୃତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟଷ୍ଠ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ୀ ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।






# ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

## ପରିବେଶ ପାଇଁ ଉତ୍ସର୍ଗୀକୃତ ଡ. ବିପିନ ମିଶ୍ର ଓ ତାଙ୍କ ପତ୍ନୀ

ଭୁବନେଶ୍ୱର (ପିଏନ୍) : ଜଣେ ଜଣଙ୍କ ପାଇଁ ପରିପୂରକ। ହେଲେ ଉଭୟ ପରିବେଶ ପାଇଁ ଉତ୍ସର୍ଗୀକୃତ। ଓଡ଼ିଶାର ଏପରି ଜଣେ ପ୍ରତିଷ୍ଠିତ ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟକ୍ତିତ୍ୱ। ୧୯୮୯ ମସିହାରେ ଉଭୟ ବିବାହ କରିବା ପରେ ୧୯୯୦ମସିହା ପରଠୁ ସ୍ୱାମୀ ଓ ସ୍ତ୍ରୀ ଗଛ ଲଗାଇବା, ଗଛର ଯତ୍ନ ନେବା, ଲୋକଙ୍କୁ ପରିବେଶ ସମ୍ପର୍କରେ ସଚେତନ କରିବା ଓ ସାମୂହିକ ଭାବେ ବୃକ୍ଷରୋପଣ କରିବା ସହ ଏହାର ଯତ୍ନ ନେବାରେ ବ୍ରତ ଧାରଣ କରିଛନ୍ତି। ଯାହାଫଳରେ ଉଭୟ ରାଜ୍ୟ ସରକାରଙ୍କ ନିକଟରୁ ପରିବେଶ ସୁରକ୍ଷା ପାଇଁ ସମ୍ମାନ ହାସଲ କରିଛନ୍ତି। ସେ ହେଉଛନ୍ତି ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥାର ଜାତୀୟ ସମ୍ପାଦକ ଡ. ବିପିନବିହାରୀ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ତଥା ସଂସ୍ଥାର ଜାତୀୟ ମହିଳା କମିଟିର ଅଧ୍ୟକ୍ଷ ଡ. ସୁକାନ୍ତି ମିଶ୍ର। ବିଶ୍ୱ ପରିବେଶ ଦିବସ ଅବସରରେ ଡ. ବିପିନବିହାରୀ ମିଶ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ ସମ୍ମାନ ମିଳିଥିବା ବେଳେ ତାଙ୍କ ଧର୍ମପତ୍ନୀ ଡ. ସୁକାନ୍ତି ମିଶ୍ରଙ୍କୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଯାହା ଆମ ରାଜ୍ୟରେ ସବୁ ସ୍ୱାମୀ ଓ ସ୍ତ୍ରୀଙ୍କ ପାଇଁ ଉଦାହରଣ ପାଲଟିଛି। ଉଭୟ ନିଜ ସଂସାର ରଥ ଗଡ଼ାଇବା ସହ ପ୍ରକୃତିକୁ ରକ୍ଷା କରିବା, ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ହଟାଇବା ପାଇଁ କାର୍ଯ୍ୟ କରୁଥିବାରୁ ଉଭୟ ପ୍ରଶଂସନୀୟ ପାଲଟିଛନ୍ତି। ଏହି ଅବସରରେ ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ଓଡ଼ିଶା ରାଜ୍ୟ ସଭାପତି ଅଧିବକ୍ତା କିଶୋର ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ. ମିଶ୍ର କହିଥିଲେ ଯେ, ନିଷ୍ଠାପର ଭାବେ କାର୍ଯ୍ୟ କଲେ ବିଳମ୍ବ ହୋଇପାରେ ହେଲେ ସଫଳତା ନିଶ୍ଚିତ ମିଳିବ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଇଂ. ବିପିନ ବିହାରୀ ନାୟକ, ଗୋଲକ ବିହାରୀ ସିଂ, ବିରଜା ମିଶ୍ର, ବାଳକୃଷ୍ଣ ରାଉତ, ସୁବାଷ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): ୟୁଥ ସ୍ପୋର୍ଟସ ଆଥଲେଟିକ ଓ ଖୋଖୋ ଏକାଡେମୀ ପକ୍ଷରୁ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଏକ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ବରିଷ୍ଠ ପୋଲିସ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରି କେନ୍ଦ୍ରାପଡାର କ୍ରୀଡାବିତଙ୍କ ଉତ୍ତରୋତ୍ତର ଉନ୍ନତି ଓ ଶିବିରର ସଫଳତା କାମନା କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୟଦ ଇମତିୟାଜ ଅଲ୍ଲୀ ଯୋଗଦେଇ ଯୁବ କ୍ରୀଡାବିତ୍‌ମାନେ ସଫଳତାର ସହ ପ୍ରଶିକ୍ଷଣ ନେଇ ଭବିଷ୍ୟତରେ ଜଣେ ଜଣେ ସଫଳ କ୍ରୀଡାବିତ ଭାବେ ଆମ ଅଞ୍ଚଳ ତଥା ଜିଲ୍ଲାର ସୁନାମ ଆଣିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ ଅସଲାମ, ମୀର ଅମିରୁଦ୍ଦିନ, ନସିରୁଦ୍ଦିନ, କଲିମ ଖାନ, ଟେନିସବଲ କ୍ରିକେଟ ଆସୋସିଏସନର ସମ୍ପାଦକ ଜ୍ୟୋତିର୍ମୟ ଦାସ, କ୍ରୀଡା ପ୍ରଶିକ୍ଷକ ଦେବେନ୍ଦ୍ର ସାହୁ, ସସ୍ମିତା ପଣ୍ଡା, ମନୋଜ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୯ଦିନ ଧରି ଚାଲିବାକୁ ଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୫୦ଜଣ କ୍ରୀଡାବିତ ଯୋଗଦେଇଥିବା ବେଳେ ସେମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ମୁଖ୍ୟ କୋଚ ସେକ ସୌକତ ଖାନ୍, ସେକ ଆବାସ, ବଦ୍ରୀନାରାୟଣ ପତି ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ କ୍ରୀଡାର ଭିନ୍ନ ଭିନ୍ନ କୌଶଳ ଓ ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ପ୍ରତ୍ୟେହ ସକାଳ ଓ ସନ୍ଧ୍ୟାରେ କ୍ରୀଡାବିତମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ମିଳିଛି।

## ଯୁବକଙ୍କ ଆତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମ କାଚରାସାହିର ଜଣେ ଯୁବକ ନିର୍ମାଣାଧିନ ପାଣି ଟାଙ୍କିରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ କାଚରାସାହିର ଶ୍ରୀଧର କୁଣ୍ଡୁଙ୍କ ପୁତ୍ର ଜଗବନ୍ଧୁ କୁଣ୍ଡୁ (୨୭) ସ୍ଥାନୀୟ ଅଂଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ତେବେ ଯୁବତୀଙ୍କ ବିବାହ ଅନ୍ୟତ୍ର ସ୍ଥିର ହେବାରୁ ଯୁବକଜଣକ ଏଥିରେ ମ୍ରିୟମାଣ ହୋଇ ବୁଧବାର ରାତିରେ ଗ୍ରାମନିକଟସ୍ଥ ନିର୍ମାଣାଧିନ ପାଣିଟାଙ୍କିରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଗତକାଲି ସକାଳେ ଜଣାପଡିଥିଲା। ଖବର ପାଇ ଜେନାପୁର ପୋଲିସ ସେଠାରେ ପହଂଚି ତଦନ୍ତ କରିବା ସହ ୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଦାନଗଦୀ ମେଡିକାଲକୁ ପଠାଇଛି।

# ଧର୍ମଶାଳାରେ ୨୨ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ !

ଧର୍ମଶାଳା (ପିଏନ୍): ଦ୍ୱିତୀୟ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକର ୨୨ଟି ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ। ଏଥିମଧ୍ୟରୁ କେତେକ ହାଇସ୍କୁଲରେ କାମ ସଂପୂର୍ଣ୍ଣ ହୋଇନାହିଁ। ଆଉ ଯେଉଁଠି ସରିଛି ବୋଲି କୁହାଯାଉଛି ସେଠାରେ ଅତି ତରବରିଆ ଭାବେ ଦିନରାତି କାମ ଚାଲିଛି। ପ୍ରକୃତରେ କାମ ସରିଛି କି ନସରିଛି, ଏସବୁ ଯାଞ୍ଚ କରିବାକୁ କେହି ନାହାଁନ୍ତି। ଭିଡ଼ିଓ କନ୍‌ଫରେନ୍ସିଂରେ ଲୋକାର୍ପିତ ହେବାକୁ ଥିବାରୁ କାମ ଶେଷ ହେବା ନେଇ କାହାର ବ୍ୟସ୍ତତା ମଧ୍ୟ ନାହିଁ। କେତେକ ବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ଉଠିଛି। ବିଭିନ୍ନ ସାମଗ୍ରୀ କିଣାବିକାରେ ବଡ଼ ଧରଣର କିକ୍‌ବ୍ୟାକ୍ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହିଭଳି ପୁଳା ପୁଳା ସମସ୍ୟା ଓ ଅସୁବିଧା ମଧ୍ୟରେ ଅସମ୍ପୂର୍ଣ୍ଣ ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରିବାକୁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି ହୋଇଛି। ପ୍ରକାଶ ଯେ, ପ୍ରଥମ ପର୍ଯ୍ୟାୟରେ ଧର୍ମଶାଳା ବ୍ଲକ୍‌ର ୬ଟି ହାଇସ୍କୁଲ ରୂପାନ୍ତରିତ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୫ଟି ହାଇସ୍କୁଲ ରୂପାନ୍ତରଣ କରାଯାଇଥିଲା। ତା'ପରେ ୨୨ଟି ରୂପାନ୍ତରିତ ହାଇସ୍କୁଲ୍ ଲୋକାର୍ପଣ ହେଉଥିବା ବେଳେ ୩ଟି ହାଇସ୍କୁଲର କାମ ସରିନଥିବାରୁ ଲୋକାର୍ପିତ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ପୂର୍ବରୁ ରୂପାନ୍ତରିତ ହୋଇଥିବା ଧର୍ମଶାଳା ବାଣୀପୀଠ, କଣ୍ଟିଗଡ଼ିଆର ମଧୁକେଶ୍ୱର ହାଇସ୍କୁଲ, ନେଉଳପୁରର ନୀଳସୁନ୍ଦର ହାଇସ୍କୁଲ, ଅଣ୍ଟିଆର ହିଙ୍ଗୁଳା ହାଇସ୍କୁଲ, କୋତପୁରର ଜାଗୁଳାଇ ହାଇସ୍କୁଲ ଓ ଜେନାପୁର ହାଇସ୍କୁଲ ଲୋକାର୍ପିତ ହୋଇଛି। ଏବେ ରୂପାନ୍ତରିତ ହୋଇଥିବା କବାଟବନ୍ଧ ହାଇସ୍କୁଲ, ରେଖିଦେଇପୁରର ପଞ୍ଚାୟତ ହାଇସ୍କୁଲ, ବଳରାମପୁର ହାଇସ୍କୁଲ, ଅଇରାର ବାଘୁଆ ବ୍ରାହ୍ମଣୀଦେବୀ ହାଇସ୍କୁଲ, ବିଛାଖଣ୍ଡିର ପଞ୍ଚାୟତ ହାଇସ୍କୁଲ, ବାଟିଯୋଡ଼ାର ସ୍ୱପ୍ନେଶ୍ୱର ହାଇସ୍କୁଲ, କୁରିକଣାର ମା' ସିନ୍ଦୁରେଇ ହାଇସ୍କୁଲ, ଆରୁହା ହାଇସ୍କୁଲ, ମୁରାରୀପୁରର ଗୋପାଳ ଜୀଉ ହାଇସ୍କୁଲ, ଗଙ୍ଗାଧରପୁରର ପତିତପାବନ ହାଇସ୍କୁଲ, ତରିଆର ଲକ୍ଷ୍ମୀନାରାୟଣ ହାଇସ୍କୁଲ, କ୍ଷେତ୍ରପାଳର ସିଦ୍ଧନାରାୟଣ ନୋଡ଼ାଲ୍ ହାଇସ୍କୁଲ, କାଏମାର ଲାଲ୍ ବାହାଦୁର ହାଇସ୍କୁଲ, ଅଚ୍ୟୁତପୁରର ଦାମୋଦର ବିଦ୍ୟାପୀଠ, ମିର୍ଜାପୁରର ଶ୍ୟାମସୁନ୍ଦର ହାଇସ୍କୁଲ, ସୁନ୍ଦରିଆ ନୋଡ଼ାଲ୍ ସ୍କୁଲ, ଜାରକା ହାଇସ୍କୁଲ, ଉତରଶାସନର ଅମରେଶ୍ୱରୀ ହାଇସ୍କୁଲ, ପଟୁଣିଆର ଉଦୟବଟ ହାଇସ୍କୁଲ, ଅରେଇକଣାର ପଞ୍ଚାୟତ ହାଇସ୍କୁଲ ଓ ନହଙ୍ଗାପାଟଣାର ୟୁଜିପିଏଲ୍‌ଏନ୍ ହାଇସ୍କୁଲ ଲୋକାର୍ପିତ ହେବ। ତେବେ କାମ ଶେଷ ହୋଇନଥିବାରୁ ମଧୁପୁରଗଡ଼ ହାଇସ୍କୁଲ, ଦେଓଦାର ବଳଦେବ ଜୀଉ ହାଇସ୍କୁଲ ଓ ବଡ଼ବାରିସାହିର ଜଗାବଳିଆ ହାଇସ୍କୁଲ ଲୋକାର୍ପିତ ହେବନାହିଁ ବୋଲି କୁହାଯାଇଛି। ୫-ଟି ଅଧୀନରେ ଥିବା ପ୍ରତି ହାଇସ୍କୁଲଗୁଡ଼ିକର ରୂପାନ୍ତରିକରଣ ନିମନ୍ତେ ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ନିମ୍ନମାନର କାମ ଓ ସାମଗ୍ରୀ କିଣାଯାଇ ବହୁ ସରକାରୀ ଅର୍ଥ ହଡ଼ପ କରାଯାଉଥିବା ଅଭିଯୋଗ ଉଠିଛି। ଅଧିକାଂଶ ରୂପାନ୍ତରିତ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ୫-ଟି ସଚିବ ଓ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବସ୍ତି ବାସିନ୍ଦାଙ୍କ ପାଇଁ ଅଣ୍ଟା ଭିଡ଼ିଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍): ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ- ୬୫ ଡୁମୁଡୁମା ହାଉସିଂବୋର୍ଡ ଫେଜ-୧, ସୁବାଷବୋଷ ନଗର ବସ୍ତି ବାସିନ୍ଦାମାନେ ରାଜ୍ୟ ସରକାର ଦ୍ୱାରା ବେଆଇନ ବସ୍ତି ଉଚ୍ଛେଦକୁ ବିରୋଧ କରି ଦିବାରାତ୍ର ଧାରଣାରେ ବସିଛନ୍ତି। ଏହାକୁ ସମର୍ଥନ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ଅନୁରୋଧ କ୍ରମେ କଂଗ୍ରେସ ନେତୃବୃନ୍ଦ ଉକ୍ତ ଧାରଣାରେ ସାମିଲ ହୋଇଥିଲେ। ଧାରଣାରେ ଯୋଗଦେଇ ଏଆଇସିସି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ବସ୍ତିବାସିନ୍ଦାଙ୍କୁ ସମ୍ବୋଧିତ କରି କହିଥିଲେ ଗରିବ ଶ୍ରେଣୀୟ ଲୋକଙ୍କୁ କଂଗ୍ରେସ ଦଳ ସଦାସର୍ବଦା ସୁରକ୍ଷା ଦେଇ ଆସୁଛି। ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କଠୁ ଆରମ୍ଭ କରି ରାଜୀବ ଗାନ୍ଧୀ, ମନମୋହନ ସିଂଙ୍କ ପର୍ଯ୍ୟନ୍ତ ଭୂମିହୀନଙ୍କୁ ଗୃହ ନିର୍ମାଣ ପାଇଁ ମାଗଣାରେ ଜମି ଏବଂ ପରବର୍ତ୍ତି ସମୟରେ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ଯୋଜନା କଂଗ୍ରେସ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଯୋଜନାଗୁଡ଼ିକୁ ପରବର୍ତ୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ନାମ ପରିବର୍ତ୍ତନ କରି ନିଜସ୍ୱ ଯୋଜନା ହିସାବରେ ଲୋକଙ୍କ ଆଖିରେ ଧୂଳି ଦେଇଛନ୍ତି। ଡ. ଚେଲା କୁମାର କହିଥିଲେ କେବଳ ଆଜି ନୁହେଁ ଯେପର୍ଯ୍ୟନ୍ତ ବସ୍ତିବାସିନ୍ଦାମାନଙ୍କୁ ନ୍ୟାୟ ନମିଳିଛି ସେଯାଏ କଂଗ୍ରେସ ଦଳ ଆନ୍ଦୋଳନରେ ସାମିଲ ହୋଇ ରହିଥିବ। ପ୍ରଦେଶ କଂଗ୍ରେସ ସଭାପତି ନିରଂଜନ ପଟ୍ଟନାୟକ ଅନୁରୂପ ଭାବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଇ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବବିରୋଧୀ ସରକାର। ଦରଦାମଠାରୁ ଆରମ୍ଭ କରି ସ୍ଥାୟିତ୍ୱ ପର୍ଯ୍ୟନ୍ତ ସବୁଥିରେ ବିଫଳ। କଂଗ୍ରେସ କାଲି ମଧ୍ୟ ଗରିବ, ଦଳିତ ଓ ଅସହାୟଙ୍କ ସହ ଥିଲା ଆଗକୁ ମଧ୍ୟ ଅନ୍ୟାୟ ବିରୋଧରେ ପ୍ରଭାବିତଙ୍କ ସାଙ୍ଗରେ ଠିଆହେବ। ସେହିପରି ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଉପସଭାପତି ଶିବାନନ୍ଦ ରାୟ ବସ୍ତିବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ପୋଲିସ, ପ୍ରଶାସନ କିମ୍ବା ସରକାର ବେଆଇନ ଭାବେ ବସ୍ତି ଉଚ୍ଛେଦ କରିପାରିବେ ନାହିଁ। ଯଦି ସେପରି କିଛି ପରିସ୍ଥିତି ଉପୁଜେ ତେବେ କଂଗ୍ରେସ ଦଳ ଆଗରେ ଠିଆହେବ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ ଦାଶ ପରିଶେଷରେ କହିଥିଲେ ଯଦି ବସ୍ତିବାସିନ୍ଦାଙ୍କୁ ନ୍ୟାୟ ନମିଳେ ତେବେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋର୍ଟର ଆଶ୍ରୟ ନେବା ସହ ଆନ୍ଦୋଳନକୁ ଓହ୍ଲାଇବ। ଏହି ଧାରଣା ସଭାକୁ ବସ୍ତି ସଭାପତି ଶ୍ରୀ ପୁଷ୍କର ସୁବୁଦ୍ଧି ପରିଚାଳନା କରିଥିଲେ। ଆଜିର ଏହି ଧାରଣା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ, ପିସିସି ସଂପାଦକ ସୁବ୍ରତ ମହାପାତ୍ର, ଜ୍ଞାନଦେବ ବେଉରା, ରଶ୍ମି ମହାପାତ୍ର, ସେକ ତାକୱିମ, ଆଶିଷ ମଲ୍ଲିକ, ବ୍ଲକ ସଭାପତି ସେକ ଆପତାବ ଅଲ୍ଲି, ଅଶୋକ ଦାସ, ଶ୍ରୀଧର ବଳିଆର ସିଂ, ପ୍ରଦୀପ ମହାପାତ୍ର, ଦୀପକ ମହାପାତ୍ର, ଇନ୍ଦ୍ରଜିତ ରାଉତ, ଗୋବିନ୍ଦ ସାହୁ, କୁସୁମ ପ୍ରଧାନ, ରୀନା ସାହୁ, ରବିନ୍ଦ୍ର ନାୟକ, ବିଚିତ୍ର ପାତ୍ର, ବିକ୍ରମ ସୁନ୍ଦରରାୟ, ନିଆଜୁଲ ଇସ୍‌ଲାମ, ଦେବାଶିଷ ଦାସ, ଶିବନ ମୁସରଫ, ସାଗର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଜିଏସ୍‌ଟି କାର୍ଯ୍ୟାଳୟ ଗୃହ ନିର୍ମାଣ ହେଉନି: ଲକ୍ଷ ଲକ୍ଷ ଟଙ୍କା ଭଡା ଗଣୁଛି ବିଭାଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇ ଟେଣ୍ଡର ହୋଇସାରିଥିଲେ ମଧ୍ୟ ସଂପୃକ୍ତ ଠିକାଦାରଙ୍କ ଅପାରଗତା ଓ ପୂର୍ତ୍ତ ବିଭାଗର ନିଷ୍କ୍ରିୟତାରୁ ପ୍ରାୟ ଦୁଇବର୍ଷ ହେବ ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁ ନାହିଁ। ୧ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଳୟର ନୂତନ ଗୃହ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଛକ ସନ୍ନିକଟ ରଣପଡାଠାରେ ତିଆରି ହେବାପାଇଁ ନିଷ୍ପତି ହୋଇଅଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଡିସିମିଲ ଜମି ରଣପଡାଠାରେ ଯୋଗାଇ ଦେବା ପରେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବାରୁ ତିନିମୁହାଣୀରେ ଏକ ଘରୋଇ କୋଠାର ଉପର ମହଲାରେ ଜିଏସ୍‌ଟି କାର୍ଯ୍ୟାଳୟ ପାଇଁ ବର୍ଷକୁ ପ୍ରାୟ ଲକ୍ଷାଧିକ ଟଙ୍କା ଘରଭଡା ବାବଦରେ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଟ୍ୟାକ୍ସ ଆଇନଜୀବିମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ଏଥିନେଇ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସରକାର ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗକୁ ଅନୁଦାନ ପ୍ରଦାନ କରି ଥିବାବେଳେ ପୂର୍ତ୍ତ ବିଭାଗ କାହିଁକି ଚୁପ ହୋଇ ବସିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ପୂର୍ତ୍ତ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ସରକାରୀ ଭାବେ ଉତ୍କଳ ଦିବସ ପ୍ରଥମେ ନନ୍ଦିନୀ ଶତପଥୀ ପାଳନ କରିଥିଲେ




ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ୯୧ତମ ଜୟନ୍ତୀ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ଜୟନ୍ତୀ ଅବସରରେ ଅନୁଷ୍ଠିତ ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସାଂସଦ ତଥାଗତ ଶତପଥୀ, ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ, ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ଶାଖ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଆଦି ବରପୁତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରି କହିଥିଲେ ଯେ, ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସର୍ବପ୍ରଥମେ ଉତ୍କଳ ଦିବସ ସରକାରୀ ଭାବେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ବାସନ୍ତି ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ଜନୈକ ଯୁବକଙ୍କୁ ପୂର୍ବ ପାରିବାରିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ କରାଯାଇଥିବା ସମ୍ପର୍କରେ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ ହୋଇଛି। ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କୁଞ୍ଜବିହାରୀ ମିଶ୍ର ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁଅ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଘରୁ ବାହାରି କାମକୁ ଯିବା ସମୟରେ ରାସ୍ତାରେ ଗୁରୁବାର ସକାଳ ପ୍ରାୟ ସାଢେ ୮ଟା ବେଳେ ସେହି ଗ୍ରାମର ଗୋବିନ୍ଦ ଚନ୍ଦ୍ର ମିଶ୍ର ହଠାତ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଏକ ଶାବଳରେ ପ୍ରଫୁଲ୍ଲଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଫଳରେ ପ୍ରଫୁଲ୍ଲଙ୍କ ମୁଣ୍ଡ ଫାଟି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ମରିଗଲି ମରିଗଲି ବୋଲି ଚିତ୍କାର କରିଥିଲେ। ଏ ସମ୍ପର୍କରେ ଗାଁ ଲୋକଙ୍କଠାରୁ ଖବର ପାଇ ପ୍ରଫୁଲ୍ଲଙ୍କ ବାପା କୁଞ୍ଜ ଘଟଣାସ୍ଥଳକୁ ଯାଇ ପୁଅକୁ ନେଇ ଥାନାକୁ ଯିବା ପାଇଁ ବାହାରିବା ସମୟରେ ଗୋବିନ୍ଦଙ୍କ ବାପା ଓ ମା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। କୁଞ୍ଜ ଜୀବନ ବିକଳରେ ଆହତ ପୁଅକୁ ନେଇ ସଦର ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ଅନୁସନ୍ଧାନ କରୁଥିବା ସୂଚନା ମିଳିଛି। କୁଞ୍ଜଙ୍କ ପୁଅ ପ୍ରଫୁଲ୍ଲ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଜଣାପଡିଛି।

## ଟାଉନ ବଳରାମପୁର ଓ ସୁନ୍ଦରାପାଳ ଗ୍ରାମରୁ ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳ ଅଧିନ ୩ନମ୍ବର ଓ ୪ନମ୍ବର ୱାର୍ଡ ଅନ୍ତର୍ଗତ ଟାଉନ ବଳରାମପୁର ଏବଂ ସୁନ୍ଦରାପାଳ ଗ୍ରାମରେ ଦୀର୍ଘଦିନ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟାର ତୁରନ୍ତ ସମାଧାନ ସହିତ ଓ ଜଳ ନିଷ୍କାସନ ପଥ ମଧୁସାଗରକୁ ଅବରୋଧ ମୁକ୍ତ କରିବା ପାଇଁ ଦାବି କରାଯାଇଛି। ଏଥିନେଇ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇଟି ଗ୍ରାମରେ ଅବସ୍ଥିତ ମଧୁସାଗର ଯୋର ଏକ ଜଳ ନିଷ୍କାସନ ପଥ ହୋଇଥିବା ବେଳେ ଏହାକୁ କେତେକ ବ୍ୟକ୍ତି କିଣାବିକା କରି ମାଟି ପକାଇ ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି। ଫଳରେ ଟାଉନ ବଳରାମପୁର ଓ ସୁନ୍ଦରାପାଳ ଗ୍ରାମ ସମେତ କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟରୁ ଜଳ ନିଷ୍କାସନ ହୋଇ ନପାରି ବର୍ଷାଦିନେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରୁଛି। ଲଗାଣ ବର୍ଷା ପୂର୍ବରୁ ଏହି ସମସ୍ୟାକୁ ସମାଧାନ କରିବା ସହ ଜଳ ନିଷ୍କାସନ ପଥକୁ ଖୋଲିବା ଓ ମଧୁସାଗରକୁ ଅବରୋଧ ମୁକ୍ତ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅଶୋକ କୁମାର ଗେରୁ, ଉମାକାନ୍ତ ମହାରଣା, ଗୌରାଙ୍ଗ ମହାରଣା, କୃଷ୍ଣଚନ୍ଦ୍ର ପତି, ଧ୍ରୁବ ଚରଣ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଝଣଝଣାରେ ପାନୀୟ ଜଳ ସଙ୍କଟ

ହାଟଡିହି (ପିଏନ୍): ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ଝଣଝଣା ଗ୍ରାମରେ ପାଣିର ଘୋର ଅଭାବ ଦେଖାଦେଇଛି। ଗ୍ରାମର ନଳକୂପ ଅଚଳ ହୋଇଯିବା ସହିତ ପାଇପ୍ ଯୋଗେ ହେଉଥିବା ଜଳଯୋଗାଣ କୌଣସି କାରଣବଶତଃ ବନ୍ଦ ହୋଇଯାଇଥିଲା। ଫଳରେ ଲୋକମାନେ ପିଇବା ପାଣି ପାଇଁ ଡହଳ ବିକଳ ହେଉଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଢେଙ୍କା ସରପଞ୍ଚ ସୁବାସିନୀ ସେଠୀ ସଙ୍ଗେ ସଙ୍ଗେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ସହ ଖୁବ୍ ଶୀଘ୍ର ନଳକୂପ ମରାମତି ଏବଂ ଜଳଯୋଗାଣ ହେଉଥିବା ପମ୍ପକୁ ମରାମତି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।


**AFFIDAVIT**

I Lili pradhan age 35 yrs.wife of prakash Kumar Pradhan,at - pasania,po-pathuripada,ps-banki,dist-cuttack, I banki exeucative magistrate declired that Lili pradhan and mirarani pradhan both the name same and one person for future all purpose.


## ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ

ଭୁବନେଶ୍ୱର,(ପିଏନ)- ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କୁ ହଳଦିଆ ପେଟ୍ରୋ କେମିକାଲ ଲିମିଟେଡ଼ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ସମ୍ପୃକ୍ତ ସଂସ୍ଥାର ଅଧକ୍ଷ ପୂର୍ଣ୍ଣେନ୍ଦୁ ଚାଟାର୍ଜୀ ସୋମବାର ଦିନ ଅପରାହ୍ନରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ବେଳେ ଏହି ପ୍ରସ୍ତାବ ଦେଇଥିଲେ ।


**AFFIDAVIT**

I, Pramila Rout, W/O- Amareswar Rout of Village - Asan, PO - Alasahi, PS- Astaranga, District - Puri, Odisha, do solemnly affirm and declare as follows:

My current name is Pramila Rout and it is reflected as such in my Aadhar card bearing No-404954354326, bank passbook and other valuable documents where I am mentioned as Pramila Rout W/O- Amareswar Rout.Unfortunately, in my husband Amareswar Rout's army certificate discharge book, my name has been wrongly mentioned as Pramila Devi instead of Pramila Rout.I hereby declare that Pramila Rout and Pramila Devi are one and the same person, referring to myself. By virtue of this affidavit before the executive magistrate in Astarang, Puri, I affirm that I will be known and addressed as Pramila Rout for all government and private purposes henceforth.


## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

## ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର ,(ପି.ଏନ): - ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମୀନାକ୍ଷୀ ବାହିନୀପତିଙ୍କ ଅଧକ୍ଷତାରେ ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମହାତ୍ମାଗାନ୍ଧୀଙ୍କ ଫଟୋ ଚିତ୍ର ତଳେ ପ୍ରଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ବୈଠକରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ମୋଦି ଓ ନବୀନ ସରକାରରେ ମହିଳାମାନେ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ ହେଉଛନ୍ତି । ନବୀନ ସରକାର ଦୀର୍ଘ ୨୪ ବର୍ଷରେ ଏବଂ ମୋଦି ସରକାର ଦୀର୍ଘ ୧୦ ବର୍ଷରେ ମହିଳାମାନଙ୍କର ସୁରକ୍ଷା, ଅଧିକାର, ନିଯୁକ୍ତି ବା କର୍ମସଂସ୍ଥାନ ଉପରେ ଗୁରୁତ୍ୱ ଦେଇନାହାନ୍ତି । ଦେଶ ଓ ରାଜ୍ୟରେ ମହିଳା ଅସୁରକ୍ଷିତ । ଅଧିକାଂଶ ଦୁଷ୍କର୍ମ ଘଟଣାରେ ଶାସକ ଦଳର ବିଧାୟକ,ମନ୍ତ୍ରୀ ଓ ନେତା ସଂପୃକ୍ତ ଥିବାବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି । ଆଜିର ଦିନରେ ଇତିଶ୍ରୀ, ବେବିନା, ମାଧବୀଲତା, ସ୍ମିତାରାଣୀ, କୁନ୍ଦୁଲି ପୀଡ଼ିତା, ମମିତା ମେହେରରଙ୍କ ପରିବାରକୁ ନବୀନ ସରକାର ନ୍ୟାୟ ଦେଇପାରିଲେ ନାହିଁ । କାରଣ ଏ ସମସ୍ତ ଘଟଣାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଶାସକ ଦଳର ନେତାମାନେ ସଂପୃକ୍ତ ଅଛନ୍ତି । ମହିଳା କଂଗ୍ରେସର କର୍ମକର୍ତ୍ତା ଓ ଜିଲ୍ଲା ସଭାପତିମାନଙ୍କୁ ଶ୍ରୀ ପଟ୍ଟନାୟକ କହିଲେ ଯେ ଅଧିକରୁ ଅଧିକ ସଂଖ୍ୟକ ମହିଳା କିପରି କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବେ ସେଥିପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ । କଂଗ୍ରେସ କ୍ଷମତାକୁ ଆସିଲେ ମହିଳାମାନଙ୍କ ପାଇଁ ଯେଉଁ ଗ୍ୟାରେଂଟି ଘୋଷଣା କରାଯାଇଛି ତାହାକୁ ନିଶ୍ଚିତ ପୁରଣ କରାଯିବ । ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନିପତି କହିଲେ ଯେ ଦୀର୍ଘ ୨୫ ବର୍ଷ ଧରି ସେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅଭେଦ୍ୟ ଅଂଚଳରେ କାର୍ଯ୍ୟ କରୁଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀ, ଦଳିତ ଓ ସମାଜର ଅନଗ୍ରସ ବର୍ଗର ମହିଳାମାନେ ଅତି ଦୈନ୍ୟତାରେକାଳ କାଟୁଛନ୍ତି । ନବୀନ ସରକାରଙ୍କ ୨୫ ବର୍ଷରେ ପ୍ରଶାସନ ସେଠାରେ ପହଂଚିପାରିନାହିଁ । ନବୀନ ଓ ମୋଦୀ ଶାସନରେ ମହିଳାମାନେ ଅଧିକ ଉପେକ୍ଷିତ ଥିବାରୁ ୨୪ ନିର୍ବାଚନରେ କଂଗ୍ରେସ ମହିଳାଙ୍କ ଭୋଟ ଅଧିକ ପ୍ରାପ୍ତ ହେବ ବୋଲି ଶ୍ରୀମତୀ ବାହିନିପତି ଆଶା ପୋଷଣ କରିଛନ୍ତି । ବିଶେଷ କରି ରାହୁଲ ଗାନ୍ଧୀଙ୍କର ନାରୀ ନ୍ୟାୟ ଏବଂ ସରକାରକୁ ଆସିଲେ କଂଗ୍ରେସ ମହିଳାମାନଙ୍କ ବିକାଶ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଛି ତାହା ନିଶ୍ଚିତ ପୁରଣ ହେବ ବୋଲି କହିଥିଲେ । ନାରୀମାନେ ସମାଜର ମୁଖ୍ୟସ୍ରୋତରେ କିପରି ଅଧିକରୁ ଅଧିକ ସାମିଲ ହେବେ ସେ କ୍ଷେତ୍ରରେ କଂଗ୍ରେସ ସଦାବେଳେ ପ୍ରଚେଷ୍ଟା କରିଥାଏ ଏବଂ ପଦକ୍ଷେପ ମଧ୍ୟ ଗ୍ରହଣ କରିରହିଥାଏ । କଂଗ୍ରେସ ଅଧକ୍ଷ ଶ୍ରୀମାଲିକାର୍ଜୁନ ଖର୍ଗେ ଏବଂ ପୂର୍ବତନ ଅଧକ୍ଷ ଶ୍ରୀମତୀ ସୋନିଆ ଗାନ୍ଧୀ ଦେଶରେ ମହିଳାମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ବିକାଶ ପାଇଁ ଓ ବୈଷମ୍ୟତା ଦୂର ପାଇଁ ସର୍ବଦା ପ୍ରଚେଷ୍ଟା କରିଆସୁଛନ୍ତି । ବିଶେଷ କରି ଦରଦାମ ବୃଦ୍ଧି, ଉତ୍କଟ ବେକାରୀ, ଟିକସ ଆତଙ୍କ, ସରକାରୀ ଯୋଜନାର ଅର୍ଥ ହଡପ, ଚାଷୀ ଆତ୍ମହତ୍ୟା ଓ ରାଷ୍ଟ୍ରର ସମ୍ପତିକୁ ଶାଗମାଛ ଦରରେ ଶିଳ୍ପପତିଙ୍କୁ ବିକ୍ରି ପ୍ରସଙ୍ଗରେ ଭୋଟରମାନଙ୍କୁ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଜାଗ୍ରତ କରିବାକୁ ଶ୍ରୀମତୀ ବାହିନପତି ଆହ୍ୱାନ ଦେଇଥିଲେ । କଂଗ୍ରେସର ନିମ୍ନ ପ୍ରତିଶ୍ରୁତିକୁ ନେଇ ତୃଣମୂଳ ସ୍ତରରେ ପ୍ରଚାର କରିବାକୁ ଶ୍ରୀମତୀ ବାହିନପତି କହିଥିଲେ ।କଂଗ୍ରେସ ଦଳ ନାରୀର ଅଧିକାର ପ୍ରାପ୍ତି ପାଇଁ ପ୍ରତିଶ୍ରୁତି ବଦ୍ଧ । ସେଥିପାଇଁ ଜନନାୟକ ରାହୁଲ ଗାନ୍ଧୀ ନ୍ତନାରୀ ନ୍ୟାୟ ଗ୍ୟାରେଂଟିନ୍ତ ଘୋଷଣା କରିଛନ୍ତି । ଏହି ଘୋଷଣା କଂଗ୍ରେସ ଦଳର ତଥା କଂଗ୍ରେସ ସଭାପତି ସମ୍ମାନନୀୟ ମଲିକାର୍ଜୁନ ଖାଡ଼ଗେଙ୍କର ନିର୍ଭର ପ୍ରତିଶ୍ରୁତି । ଏହି ଘୋଷଣାକୁ ପୁରପଲ୍ଲୀରେ ପହଂଚାଇବା ପାଇଁ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅଲକା ଲାମ୍ବା ଆମକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସ୍ତର ଠାରୁ ବୁଥ ସ୍ତର ପର୍ଯ୍ୟନ୍ତ ମହିଳା କଂଗ୍ରେସରେ କାର୍ଯ୍ୟ କରୁଥିବା କର୍ମକର୍ତ୍ତା ଓ କର୍ମୀମାନେ ନିଷ୍ଠାର ସହ କଂଗ୍ରେସର ଏହି ପ୍ରତିଶ୍ରୁତି ଘରେ ଘରେ ପହଂଚାଇବେ । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ୍, ପ୍ରଣତୀ ମିଶ୍ର, ପ୍ରତିମା ମଲ୍ଲିକ, ଦେବସ୍ମିତା ସାମଲ, ଜ୍ୟୋତ୍ରୀମୟୀ ବାଗ, ଶ୍ରୀୟାସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ଜବାମଣି ଟୁଡୁ, ସିଲି ସେଠୀ, ମୋନାଲିସା ଦାସ, ବାସନ୍ତୀ ସାମଲ, ସ୍ନେହଲତାରାୟ ଚୌଧୁରୀ, ଗୌରୀ ଦାସ, ମୁଲତା ମିଶ୍ର, ସୁନୀତା ନାୟକ, ସୁନୀତା ବାଗ, ସ୍ୱାଗତିକା ପଟ୍ଟନାୟକ, ମୀତାରାଣୀ ମଲ୍ଲିକ, କଳ୍ପନା ପଣ୍ଡା, ଗୀତାଳୀ ମହାନ୍ତି, ଆରତି ଦେଓ, ନୀଳିମା ପ୍ରିୟଦର୍ଶିନୀ ସୋରେନ୍, ମର୍ଜୀନା ପ୍ରଧାନ, ସରୋଜୀନ ବାର୍ଲା, କଳ୍ପନା ସେନ୍, ଝୁନା ପଟ୍ଟନାୟକ, ସ୍ମିତାରାଣୀ ସାମଲ, ଅମ୍ରୀତା ଦାସ, ପ୍ରବୀଣା ଦଣ୍ଡପାଟ, ପ୍ରିୟମ୍ବଦା ପାଣି,ବିଜୟଲକ୍ଷ୍ମୀ ବେହେରା, ମୁଶ୍ରୀ କଳ୍ପନା ରାଉତରାରାୟ, ରିତା ଜୋଷୀ, ସୁବାସିନୀ ମହାକୁଡ଼, ପ୍ରମୀଳା ସାହୁ, ରିତା ଜୋଷୀ, ସୁଭଦ୍ରା ମିଶ୍ର, କନକଲତା ମଲ୍ଲିକ, କଳ୍ପନା ପଣ୍ଡା, ଆରତି ସ୍ୱାଇଁ, ଉର୍ବଶ୍ରୀ ମିଶ୍ର ଓ ବିନ୍ଧ୍ୟାବିନୀ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।




ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ




# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ) : କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍- 'ସେନ୍ ଗ୍ଲୋବ' ପକ୍ଷରୁ ଆଜି ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଚେୟାରପର୍ସନ ଅଳକା ମିଶ୍ର, ୟୁଏନ୍‌ଏଫ୍‌ପିଏ ଓଡ଼ିଶାର ମହମ୍ମଦ ନଦିମ୍ ନୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରି ଶ୍ରୀମତୀ ମିଶ୍ର କହିଲେ, ଅଟିଜମ୍ ଅର୍ଥ ଅକ୍ଷମ ନୁହେଁ। ଏହା ହେଉଛି ଭିନ୍ନକ୍ଷମ। ଏହି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଦକ୍ଷତା ବିକାଶ କରାଯାଇ ସେମାନଙ୍କୁ ସାଧାରଣ ପିଲାମାନଙ୍କ ପରି ସକ୍ଷମ କରାଯିବାର ଆବଶ୍ୟକତା ରହିଛି। ଏହି ଭିନ୍ନକ୍ଷମ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଜୀବନ କୌଶଳ ତାଲିମ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ଶିଶୁଙ୍କ ଭଳି ପ୍ରତ୍ୟେକ ଭିନ୍ନକ୍ଷମ ଶିଶୁ ମଧ୍ୟ ସ୍ୱତନ୍ତ୍ର ଓ ଅନନ୍ୟ ବୋଲି ବୋଲି ମହମ୍ମଦ ନୁର କହିଥିଲେ। ସେମାନଙ୍କୁ ବିଭିନ୍ନ ସର୍ଜନାତ୍ମକ ଭାବେ ଶିକ୍ଷା ପ୍ରଦାନ କରାଯିବା ଆବଶ୍ୟକ। ସେମାନଙ୍କ ମଧ୍ୟରେ ସର୍ଜନଶୀଳତାର ବିକାଶ ପାଇଁ ଯତ୍ନ ନିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ବାପା-ମାଆମାନେ ସେମାନଙ୍କର ଭିନ୍ନକ୍ଷମ ସନ୍ତାନସନ୍ତତିଙ୍କୁ ଅଧିକ ସ୍ନେହ, ଆଦର ଦେଇ ସେମାନଙ୍କର ଯତ୍ନ ନେବାକୁ ଶ୍ରୀମତୀ ବଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଚେୟାରପର୍ସନ୍ ଡ. ମୋନା ଲିସା ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍‌ର ଅଧ୍ୟକ୍ଷ ଡ.ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ଥିଲେ। ଶେଷରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍-ସେନ୍ ଗ୍ଲୋବର ୱେବ୍‌ସାଇଟ୍ ଉନ୍ମୋଚନ ହେବା ସହ ସେନ୍ ଗ୍ଲୋବ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଜେପି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ବାସୁଦେବପୁରରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା



ବାସୁଦେବପୁର,(ପି.ଏନ): ବିଜେପି ପକ୍ଷରୁ ଘୋଷିତ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଭାବେ ଅଭିନାନ୍ୟୁ ସେଠୀ ମଙ୍ଗଳ ବାର ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ମଣ୍ଡଳ କୁ ଗସ୍ତ ରେ ଆସିଥିଲେ। ଏହି ଅବସର ରେ ପ୍ରଥମେ ବେତଡା ଠାରୁ ସମର୍ଥକ ମାନେ ଉପସ୍ଥିତ ରହି ସ୍ୱାଗତ କରିବା ସହ ଏକ ଶୋଭା ଯାତ୍ରା ରେ ବରନ୍ଦୁଆ ଜଗନ୍ନାଥ ମନ୍ଦିର ଅଭିମୁଖେ ଯାଇ ସେଠାରେ ପୂଜା ପାଠ କରିଥିଲେ ଅଭିମନ୍ୟୁ। । ଏହି ଅବସର ରେ ଅଭିମନ୍ୟୁ ନାୟକାନଦିହ , ଇରମ, ବାସୁଦେବପୁର ପୌର ପରିଷଦ କୁ ଗସ୍ତ କରି ବିଭିନ୍ନ ମଣ୍ଡଳ ସ୍ତରୀୟ କାର୍ଯ୍ୟ କର୍ତ୍ତା ବୈଠକ ରେ ଯୋଗ ଦେଇଥିଲେ। ବିଜେପି ପକ୍ଷରୁ ବହୁ ସଂଖ୍ୟାରେ କର୍ମୀ ମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଅଭିମନ୍ୟୁ ମଧ୍ୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ , ସଭାପତି ଜେପି ନଡ୍ଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସମସ୍ତ ଉପରିଷ୍ଟ କାର୍ଯ୍ୟ କର୍ତ୍ତା ଙ୍କୁ ଅଶେଷ ଧନ୍ୟବାଦ୍ ଦେବା ସହ ଭଦ୍ରକ ଲୋକ ସଭା ର ସମସ୍ତ ଜନ ସାଧାରଣ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଙ୍କ ଭଲ ପାଇବା ସ୍ନେହ ଯୋଗୁ ସେ ପୁର୍ନବାର ପ୍ରାର୍ଥୀ ହୋଇ ଛନ୍ତି ଓ ଭଦ୍ରକ ଲୋକ ସଭା ରେ ବିଜେପି ବିପୁଳ ଭୋଟ ରେ ଜୟ ଯୁକ୍ତ ହେବ ବୋଲି ଅଭିମନ୍ୟୁ କହିଁଛନ୍ତି। ଏହି ସ୍ୱାଗତ କାର୍ଯ୍ୟ କର୍ମ ରେ ବିଜେପି ନେତା ଦିନ ବନ୍ଧୁ ପତି, ମାଧବା ନନ୍ଦ ମଲ୍ଲିକ,ଅଶୋକ ସାହୁ, ଉଦୟ ନାରାୟଣ ମଲ୍ଲିକ, ମନୋଜ ନାୟକ, ସବ୍ୟ ସାଚି ମହଲା,ଡ ପ୍ରତାପ ନାୟକ, ତପସ୍ୱିନୀ ମହାପାତ୍ର, ଭଗବାନ ପଣ୍ଡା,ଜୟ ପ୍ରକାଶ ମଲ୍ଲିକ, ସରପଞ୍ଚ ଗୋବିନ୍ଦ ମଳିକ, ସୁବାସ ପ୍ରଧାନ, ମଣ୍ଡଳ ସଭାପତି କୈଳାସ ଚ୍ନ୍ଦ୍ର ପଣ୍ଡା, ବିମ୍ବାଧର ଜେନା, ଭଗବାନ ମହାନ୍ତି,ସରପଞ୍ଚ ଅରୁଣ ମହାନ୍ତି, କିଶୋର ମହାପାତ୍ର ଙ୍କ ସହ ଶହ ଶହ କାର୍ଯ୍ୟ କର୍ତ୍ତା ବିଭିନ୍ନ ସ୍ଥାନ ଉପସ୍ଥିତ ରହି ସ୍ୱାଗତ କରିବା ସହ ବୈଠକ ରେ ଯୋଗ ଦେଇଥିଲେ।

# ଜଗନ୍ନାଥ ମନ୍ଦିର ପୂଜକ ଦୁର୍ଘଟଣାରେ ଆହତ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପନ୍ତୁରୀ ଛକ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାର ପନ୍ତୁରୀ ଛକ ନିକଟରେ ରାସ୍ତାର ଦୁଇ ଜାଗାରେ ବଜୁରି ଚ୍‌ପ୍ସ୍ ପଡ଼ି ରହିଛି । ଏହା ରାସ୍ତାର ଏକ ତୃତୀୟାଂଶ ସ୍ଥାନ ଉପରେ ପଡ଼ି ପଡ଼ି ରହିଥ ?ିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଫଳରେ ଆଜି ଏହି ରାସ୍ତାରେ ୪ ଜଣ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଛନ୍ତି । ରାତିରେ ସ୍ଥାନୀୟ ଜେନାପୁର ଥାନା ଅଞ୍ଚଳର ଜଗନ୍ନାଥ ମଠରେ ପୂଜକ ପ୍ରଫୁଲ୍ଲ ପୁରୀ ତାଙ୍କ ସମୁଦି ଘର କେନ୍ଦ୍ରାପଡାରୁ କୌଣସି କାମ ସାରି ଜାରକା ଦେଇ ଘରକୁ ଫେରୁଥିବା ସମୟରେ ଉକ୍ତ ସ୍ଥାନରେ ବଜୁରୀ ଗଦା ହୋଇଥିବା ଜାଣି ନ ପାରି ଦୁର୍ଘଟଣାର ଶିକାର ହୋଇଥିଲେ। ଦୀର୍ଘଦିନ ଧରି ସେ ଜେନାପୁର ମଠ ଜଗନ୍ନାଥ ମନ୍ଦିରର ସେ ପୂଜକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଚ୍‌କିସ୍ୱା କରାଯାଇ ଘରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

# ବେଲଗାଡ଼ିଆରେ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ

ଜେନାପୁର,(ପି.ଏନ୍) ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧିନ ବେଲଗାଡ଼ିଆ ଠାରେ ପ୍ରତିବର୍ଷ ପରି ଏ ବର୍ଷ ମଧ ଧୁମ୍ ଧାମ୍ ରେ ବାର୍ଷିକ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ମଙ୍ଗଳବାର ଅପରାହ୍ନରେ ଗ୍ରାମ ପୋଖରୀରୁ ପାଞ୍ଚଜଣ କଳସ ଧାରୀ ଙ୍କ ଦ୍ୱାରା ଜଳ କଳସ ଆଣି ଗୌରାଙ୍ଗ ମହାପ୍ରଭୁ ଙ୍କୁ ମଣ୍ଡପ ଆବାହନ କରାଯାଇଥିଲା।ସେହି ଠାରୁ ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିଲା।ବୁଧବାର ପ୍ରଭାତୀ ନାମ ସଂକୀର୍ତ୍ତନ କରାଯାଇ ହରିନାମ ସମାପ୍ତ କରାଯାଇଥିଲା। ଅପରାହ୍ନ ରେ ବୈଠକ କୀର୍ତ୍ତନ ହେବା ସହିତ ଗୌରାଙ୍ଗ ମହାପ୍ରଭୁ ନଗର ପରିଭ୍ରମଣ କରିଥିଲେ।ବେଲଗାଡ଼ିଆ, ସୋରାଇ, ଦୁର୍ଗାପୁର, ବଳଭଦ୍ର ପୁର ଗ୍ରାମ ପରିକ୍ରମା କରି ପ୍ରଭୁ କୁଞ୍ଜ ପ୍ରବେଶ କରିଥିଲେ। ସୂର୍ଯ୍ୟାସ୍ତ ପୂର୍ବରୁ ଦଧି କଳସ ଭଙ୍ଗା ଯାଇଥିଲା। ବିଭିନ୍ନ ସ୍ଥାନ ରୁ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତ ମାନେ ଯୋଗ ଦେଇ ନିତାଇ ଗୌରାଙ୍ଗ ମହାପ୍ରଭୁଙ୍କ ନାମ ଜପ କରିବା ସହିତ ଆଶୀର୍ବାଦ ଲାଭ କରିଥିଲେ।ପରେ ନିମନ୍ତ୍ରିତ ସଂକୀର୍ତ୍ତନ ମଣ୍ଡଳୀ ଙ୍କୁ ମାଲସା ଭୋଗ ସହିତ ଦକ୍ଷିଣା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ର ମୁରବୀ ହେମନ୍ତ କୁମାର ମଲ୍ଲିକ ଙ୍କ ପ୍ରତ୍ୟେକ ତତ୍ୱବଧାନ ରେ ଏହା ପରିଚ୍ଳାଳନା ହୋଇଥିଲା।ପଣ୍ଡିତ ଆଦିତ୍ୟ ଦାସ ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ସମ୍ପୂର୍ଣ୍ଣ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

# ଗଜପତିରେ ନବ ବିବାହିତ ଯୁବକଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାସ୍

ପାରଳାଖେମୁଣ୍ଡି,(ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଗୁରାଣ୍ଡି ଥାନା ଅନ୍ତର୍ଗତ ବାଟ ସିରିପୁରରେ ଯୁବକ ବକ ଏମ୍. ଲିଙ୍ଗରାଜଙ୍କୁ ଗଳା କାଟି ହତ୍ୟା ଘଟଣାର ପରଦ୍ଦାଫାସ କରିଛି ଗଜପତି ପୁଲିସ୍। ଅନ୍ୟ କେହି ନୁହେଁ, ବରଂ ପୁରୁଷ ବନ୍ଧୁଙ୍କ ସହ ମିଶି ମାତ୍ର ୪୫ ଦିନର ନବବିବାହିତା ନବବିବାହି ପତ୍ନୀ ଏମ୍. ଜୟଲକ୍ଷ୍ମୀ ହିଁ ଲିଙ୍ଗରାଜଙ୍କୁ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଆଜି ଜିଲ୍ଲା ଆରକ୍ଷୀ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚ୍‌ନା ଦେଇଛନ୍ତି। ଏହି ଘଟଣା ଜିଲ୍ଲାବ୍ୟାପୀ ଚ୍ର୍ଚ୍ଚାର ବିଷୟ ପାଲଟିଛି। ଲିଙ୍ଗରାଜଙ୍କ ହତ୍ୟା ଖବର ପଦାକୁ ଆସିବା ପରେ ଜୟଲକ୍ଷ୍ମୀ କାନ୍ଦି କାନ୍ଦି ଗଡ଼ିଯିବା ସହ ମଝିରେ ମଝିରେ ଚେତା ହରାଉ ରାଉଥିଲେ। କିନ୍ତୁ ସେ ଏହି ଜଘନ୍ୟ କାଣ୍ଡ ଘଟାଇଛନ୍ତି ବୋଲି ଜାଣିବା ପରେ ପୁଲିସ୍ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ପୁଲିସ ଉଭୟ ଜୟଲକ୍ଷ୍ମୀ ଓ ତାଙ୍କ ପୁରୁଷ ବନ୍ଧୁ ଏନ. ଉପେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚ୍ଳାଲାଣ କରିଥିବା ବା ଜଣାଯାଇଛି। ପୁଲିସ୍ ସେମାନଙ୍କଠାରୁ ଗୋଟିଏ ସ୍କୁ-ଡାଇଭର, ତିନୋଟି ମୋବାଇଲ, ଗୋଟିଏ ବାଇକ୍, ସୁନା ମୁଦି ଓ ସୁନାହାର ଜବତ କରିଛି ।ସୂଚ୍‌ନାଯୋଗ୍ୟ, ଗତ ମାସ ୨୮ ତାରିଖ ଦିନ ଜୟଲକ୍ଷ୍ମୀ ନିଜ ସ୍ୱାମୀ ଏମ୍. ଲିଙ୍ଗରାଜଙ୍କ ସହ ଗୁରାଣ୍ଡି ଥାନା ବାଟସିରିପୁର ଗ୍ରାମକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । ୨୯ ତାରିଖ ସକାଳେ ଏକ ଧାନବିଲରୁ ଲିଙ୍ଗରାଜଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏହି ଘଟଣାରେ ଜୟଲକ୍ଷ୍ମୀ ପୁଲିସ୍ ?କୁ ବୟାନ ଦେଇଥିଲେ ଯେ ବିବାହ ଉତ୍ସବରେ ଥ ?ିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ ସେଠାରୁ ଡାକି ଗାଁ ବାହାରକୁ ନେଇ ଯାଇଥିଲେ । କେବଳ ଏତିକି ସୂଚ୍‌ନାରୁ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଲିଙ୍ଗରାଜଙ୍କ ମୃତ ଶରୀରରୁ ସୁନାଚେନ୍ ଓ ମୁଦି ଗାଏବ୍ ହୋଇଯାଇଥିବାରୁ ପୁଲିସ ହତ୍ୟାର ଅନ୍ୟ ଦିଗଗୁଡ଼ିକୁ ବି ଛାନଭିନ୍ କରିଥିଲା । ଏହା ଏକ ଲୁଟ୍ ?ଜନିତ ହତ୍ୟା ବୋଲି ଜିଲ୍ଲାରେ ଚ୍ର୍ଚ୍ଚା ହୋଇଥିଲା । ହେଲେ ପୁଲିସକୁ ଗୋଟିଏ ସୁରାକ ମିଳିଥିଲା। ଲିଙ୍ଗରାଜ ମାସେ ହେବ ନିଜ ବୈବାହିକ ଜୀବନକୁ ନେଇ ମାନସିକ ଚ୍ଚିନ୍ତାରେ ଥ ?ିବା ପୁଲିସ ଜାଣିପାରିଥିଲା ଓ ସେଇ ଦିଗରେ ପୁଲିସ ତା'ର ତଦନ୍ତ ଆଗକୁ ବଢ଼ାଇଥିଲା। ଜୟଲକ୍ଷ୍ମୀଙ୍କ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କରିଥ୍ ?ଲା ପୁଲିସ । ନିଜ ସ୍ୱାମୀ କୁ ରାସ୍ତାରୁ ହଟାଇବା ପାଇଁ ନିଜ ପୁରୁଷବନ୍ଧୁ ଏନ. ଉପେନ୍ଦ୍ର ସହ ଜୟଲକ୍ଷ୍ମୀ ଷଡ଼ଯନ୍ତ୍ର କରିଥିବା ଜଣାପଡ଼ିଥିଲା ଓ ପ୍ରମାଣ ମିଳିବା ପରେ ପୁଲିସ ଜୟଲକ୍ଷ୍ମୀ ଓ ଉପେନ୍ଦ୍ରଙ୍କୁ ଗିରଫ କରିଛି।

# ଅଧାରେ ରହିଲା ଜଗା ଦର୍ଶନ



ଭଦ୍ରକ,(ପି.ଏନ):ଭୟଙ୍କର ଦୁର୍ଘଟଣା, ଡ୍ରାଇଭର ସମେତ ଜଣେ ମହିଳ ମୃତ। ଆଜି ଭୋର ସମୟରେ ଘଟିଛି ଏଭଳି ଭୟଙ୍କର ଦୁର୍ଘଟଣା ତେବେ ଏହି ଦୁର୍ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ୧୬ନଂ ଜାତୀୟ ନଳାଙ୍ଗ ସାଇମନ୍ଦିର ନିକଟରେ । ସୂଚ୍‌ନାମୁତାବକ ପଶ୍ଚିମବଙ୍ଗ ରୁ ଏକ ସ୍କ ?ର୍ପିଓ ଯୋଗେ ୬ ଜଣ ପୁରୀ ଅଭିମୁଖେ ଯାଉଥିବା ସମୟରେ ନଳାଙ୍ଗ ସାଇମନ୍ଦିର ନିକଟରେ ରାସ୍ତା କଡରେ ଠିଆ ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସେଠାରୁ ଟ୍ରକଟି ଫେରାର ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ଡ୍ରାଇଭର ଦୀର୍ଘ ସମୟ ଧରି ସ୍କର୍ପିଓ ଭିତରେ ଚ୍ପି ହୋଇ ରହିଥିଲା । ତେବେ ଘଟଣା ସ୍ଥଳରେ ଡ୍ରାଇଭର ର ମୃତ୍ୟୁ ହୋଇଥିଲା ବ ?ଳେ ଅନ୍ୟ ଜଣେ ମହିଳାଙ୍କ ଭଦ୍ରକ ଜିଲ୍ଲା ମୁଖ୍ୟ ଚ୍‌କିତ୍ସାଳୟରେ ମୃତ୍ୟୁ ହୋଇଛି। ଦୁଇଟି ୧୦୮ ଯୋଗେ ୪ଜଣଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚ୍‌କିତ୍ସାଳୟରେ ଭର୍ତ୍ତି କରାଯାଇଛି। ୩ଜଣ ଗୁରୁତର ଭଦ୍ରକ ମୁଖ୍ୟ ଚ୍‌କିତ୍ସାଳୟରୁ କଟକ ସ୍ଥାନାନ୍ତରିତ ହୋଇଛନ୍ତି । ଅନ୍ୟ ଜଣେ ଆହତ ଭଦ୍ରକ ମୁଖ୍ୟ ଚ୍‌କିତ୍ସାଳୟରେ ଚ୍‌କିତ୍ସିତ ହେଉଛନ୍ତି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray